# ଗାଁ ଗାଁରେ ମନ ମୋହୁଛି ରାମଲୀଳା





ପଲଶାଗୋରା,୨୯ ।୩(ସମିସ)

ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ପଲଶାଗୋରା ମାରୁତି ନାଟ୍ୟ ସଂସଦ ଦ୍ୱାରା ଆୟୋଜିତ ଶ୍ରୀରାମ ଲୀଳା ଉତ୍ସବର ତୃତୀୟ ରଜନୀରେ ସୀତା ବିବାହ ନାଟକ ମଞ୍ଚସ୍ଥ ହୋଇଥିଲା। ରବୀନ୍ଦ୍ର ସାହୁଙ୍କ ରଚିତ ଓ ଅଜିତ ଗିରିଙ୍କ ନିର୍ଦ୍ଦେଶିତ ନାଟକରେ ଶ୍ରୀରାମ ଭୂମିକାରେ ମନୋଜ ମେଣ୍ଡିଲି, ସୀତା ଭାବେ ମଣ୍ଟୁ ସାହୁ, ଲକ୍ଷ୍ମଣ ଭାବେ ବିମଳ ମହାକୁଡ଼, ପର୍ଶୁରାମ ଭାବେ ସୁରେଶ ପୁଟେଲ, ଜନକ ଭାବେ ଗୋବିନ୍ଦ ମହାକୁଡ଼, ବିଶ୍ୱାମିତ୍ର ଭାବେ ବାହାଦୁଲ ବାରିକ, ପୂଜକ ଭାବେ ମୋତିଲାଲ ପୁଜାହାରୀ ଅଭିନୟ କରିଥିଲେ।

ଜହ୍ନାପଙ୍କ: ବୌଦ୍ଧ ବ୍ଲକ୍ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ଲୋକକଳା ଗ୍ରାମ ନାରାୟଣନଗରରେ ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକ ପକ୍ଷରୁ ରାମଲୀଳା ଆରମ୍ଭ ହୋଇଛି। ଭିଭିନ୍ନ ଭୂମିକାରେ ପୀତାମ୍ବର ମେହେର, କୁମାର ମେହେର, ନେପାଳ ମେହେର, ସିଦ୍ଧେଶ୍ୱର ମେହେର, ରବୀନ୍ଦ୍ର ମେହେର, ନକୁଳ ମେହେର, ବୃନ୍ଦାବନ ମେହେର, ନକୁଳ ମେହେର, ହରି ମେହେର, ଭୀଷଣ ମେହେର, ଗୋପାଳ ସାହୁ, ବନମାଳୀ ମେହେର ପ୍ରମୁଖ ଅଭିନୟ କରିଥିଲେ। ଶ୍ରୀ ଶ୍ରୀ ରାମଲୀଳା ସାଂସ୍କୃତିକପରିଷଦର ସଭାପତି କିଶୋର ଚନ୍ଦ୍ର ମେହେରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସାଂସ୍କୃତିକ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ମନ୍ଦିର କମିଟିର ଉପଦେଷ୍ଟା ଭୋଳଗିରି ସାହୁ, ସମ୍ମାନିତ ଅତିଥି ଭାବେ ଉପ ସଭାପତି ଉପେନ୍ଦ୍ର ମେହେର, ସମ୍ପାଦକ କୃଷ୍ଣ ଗୋପାଳ ମେହେର ଯୋଗ ଦେଇଥିଲେ। ଓଡ଼ିଶା ଷ୍ଟେଟ ବ୍ରିଗେଡ ସ୍କୁଲ, ଲକ୍ଷ୍ମୀପ୍ରସାଦ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ଓ ଜହ୍ନାପଙ୍କ ଉଚ୍ଚ ବିଦ୍ୟାଳୟର ଛାତ୍ରୀମାନେ ନୃତ୍ୟ ପରିବେଷଣ କରିଥିଲେ।

## କଣ୍ଟାମାଳ ଓକିଲ ସଂଘର ନୂତନ କର୍ମକର୍ତ୍ତା
# ଦୂତିଆ ସଭାପତି, କୈଳାସ ସମ୍ପାଦକ

ବୌଦ୍ଧ,୨୯ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ଓକିଲ ସଂଘ ପକ୍ଷରୁ ୨୦୨୬-୨୭ ବର୍ଷ ପାଇଁ ନୂତନ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଯାଇଛି। ସଭାପତି ଭାବେ ଦୂତିଆ ସାହୁ ଓ ସମ୍ପାଦକ ଭାବରେ କୈଳାସ ବାରିକ ନିର୍ବାଚିତ ହୋଇଛନ୍ତି। ଉପସଭାପତି ଭାବରେ ଯୋଗେଶ ଚନ୍ଦ୍ର ଗାଈଗରିଆ, ଯୁଗ୍ମ ସମ୍ପାଦକ ଭାବରେମନରଞ୍ଜନମହାକୁଡ଼ଓ ସହ ସମ୍ପାଦକ ଭାବରେ ପ୍ରଶାନ୍ତ ସାହୁ ବିଜୟଲାଭ କରିଛନ୍ତି। କୋଷାଧକ୍ଷ ଭାବେ ନୀଳାମ୍ବର ପ୍ରଧାନ ଓ ଲାଇବ୍ରେରିଆନ ଭାବେ ଶେଷଦେବ ବଗର୍ତ୍ତୀ ମନୋନୀତ ହୋଇଛନ୍ତି। କାର୍ଯ୍ୟକାରିଣୀ କମିଟିରେ ମନୋଜ ଶର୍ମା, ଅଜିତ ଦାସ, ନରୋତ୍ତମ ମେହେର, ରାଧାବଲ୍ଲଭ ପ୍ରଧାନ, ପ୍ରତାପ ସାହୁ, ସୁରେଶ ରଣା ଓ ଶମ୍ଭୁ ପ୍ରସାଦ ସାହୁ ପ୍ରମୁଖ ମନୋନୀତ ହୋଇଛନ୍ତି। ନିର୍ବାଚନ ଅଧିକାରୀ ଭାବେ ଆଇନଜୀବୀ ମନରଞ୍ଜନ ମହାକୁଡ଼ ଦାୟିତ୍ୱ ତୁଲାଇଥଲେ।





# ବିଦ୍ୟୁତ୍ ବିଭ୍ରାଟକୁ ନେଇ ଅସନ୍ତୋଷ



ତରଭା,୨୯।୩(ସମିସ): ତରଭା ବ୍ଲକ୍ ସରଗଜ ପଞ୍ଚାୟତ ନକଟିକନା ଗ୍ରାମରେ ବାରମ୍ବାର ବିଦ୍ୟୁତ୍ ବିଭ୍ରାଟକୁ ନେଇ ପ୍ରବଳ ଅସନ୍ତୋଷ ଦେଖାଦେଇଛି। ସୂଚନାନୁଯାୟୀ, ଗତ ଶୁକ୍ରବାର କାଳବୈଶାଖୀ ଯୋଗୁଁ ବିଦ୍ୟୁତ ବିଭ୍ରାଟ ଦେଖାଦେଇଥିଲା। ପରଦିନ ବିଳମ୍ବିତ ସମୟ ପର୍ଯ୍ୟନ୍ତ ବିଜୁଳି ଆସି ନଥିଲା। କାରଣ ଜାଣିବାପାଇଁ ଗ୍ରାମବାସୀ ବିଭାଗୀୟ ଲାଇନମ୍ୟାନଙ୍କୁ ଫୋନ ଯୋଗେ ପଚାରିବାରୁ ତରଭା ଶିଶୁମନ୍ଦିରରେ ବାର୍ଷିକ ଉତ୍ସବ ଚାଲିଛି ରାତ୍ରି ୧୧ଟା ପରେ ସଟଡାଉନ ଦେଇ ବିଦ୍ୟୁତ ସଂଯୋଗ ଦିଆଯିବ ବୋଲି କହିଥିଲେ। ରାତ୍ର ୧୨ଟା ପର୍ଯ୍ୟନ୍ତ ସଂଯୋଗ ନଦେବାରୁ ଗ୍ରାମବାସୀମାନେ ପୁଣି ଲାଇନ ମ୍ୟାନକୁ ଫୋନ କରିବା ବେଳେ ତାଙ୍କର ମୋବାଇଲ ସୁଇଚ ଅପ୍ ରହିଥିଲା। ଗ୍ରାମରେ ରାମଲୀଳା ନାଟକ ଚାଲୁ ଥିବାରୁ ଗ୍ରାମବାସୀମାନେ ଅଭିଯୋଗ କରିବା ପାଇଁ ତରଭା ବିଦ୍ୟୁତ ବିଭାଗ କାର୍ଯ୍ୟାଳୟକୁ ଯାଇଥିଲେ। ହେଲେ ସେଠାରେ ଅଭିଯୋଗ ଶୁଣିବା ପାଇଁ କେହି ଜଣେ ବି ଅଧିକାରୀ ନଥିଲେ। ଏ ସମ୍ବନ୍ଧରେ ବୁଝିବା ପାଇଁ ବିଭାଗୀୟ ସେକ୍ସସନ ଅଫିସର ଓ ଏସଡିଓଙ୍କୁ ଗ୍ରାମବାସୀ ଫୋନରେ ଯୋଗାଯୋଗ କରିବାକୁ ଚେଷ୍ଟା କରିଥିଲେ ହେଁ ସମ୍ଭବ ହୋଇନଥିଲା। ବିଦ୍ୟୁତ ବିଭ୍ରାଟ ଯୋଗୁଁ ରାମଲୀଳା ନାଟକ ପରିବେଷଣ ଫିକା ପଡିଯାଇଥିଲା। ବିଦ୍ୟୁତ ବିଭାଗର ଏତାଦୃଶ କାର୍ଯ୍ୟକଳାପକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖିବାକୁ ମିଳିଛି।

# ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମିର ମାସିକ ସାହିତ୍ୟ ଆସର



ବୌଦ୍ଧ,୨୯ ।୩(ସମିସ): ବୌଦ୍ଧ ସହରର ମାତଙ୍ଗେଶ୍ୱର ମନ୍ଦିର ପ୍ରାଙ୍ଗଣରେ ବୌଦ୍ଧ ଜିଲ୍ଲା କଲଚରାଲ ଏକାଡେମୀର ମାର୍ଚ୍ଚ ମାସ ମାସିକ ସାହିତ୍ୟ ଆଲୋଚନା ଚକ୍ର ଓ କବିତା ଆସର ଅନୁଷ୍ଠିତ ହୋଇଯାଇଛି। ଏହି ଆଲୋଚନା ଚକ୍ର ଓ କବିତା ଆସରରେ ଅନୁଷ୍ଠାନର ସଭାପତି ଶ୍ରୀଯୁକ୍ତ ଧ୍ରୁବଚରଣ ଘିବେଲା ସଭାପତିତ୍ୱ କରିଥିଲେ। ଅତିଥି ଭାବେ ଅନୁଗୋଳ ଜିଲ୍ଲାର ଅବସରପ୍ରାପ୍ତ ଶିକ୍ଷବିତ ଦେବରାଜ ନାୟକ ଓ ବରଷ୍ଠ ଆଇନଜୀବୀ ସାକ୍ଷୀଗୋପାଳ ପ୍ରଧାନ ଯୋଗ ହେଇଥିଲେ। ଅନୁଷ୍ଠାନର କବି ଟଙ୍କଧର ସାହୁ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଜୟନାରାୟଣ ମହାନ୍ତି, କାର୍ତ୍ତିକେଶ୍ୱର ନାୟକ, ନିର୍ମଳ ଭୋକ୍ତା, ସନ୍ତୋଷ ଦାଶ, ବିଜୟ ସାହୁ, କୃଷ୍ଣଚନ୍ଦ୍ର ସେଠୀ, ନିରୋଦ ମେହେର, ଜୟନାରାୟ ମହାନ୍ତି, ଧ୍ରୁବ ଚରଣ ଘିବେଲା, ଦେବେନ୍ଦ୍ର ଦେହୁରୀ, ତପନ ନାୟକ, ନୀଳମଣି ପ୍ରଧାନ, ଅଚ୍ୟୁତାନନ୍ଦ ପଲିଆ, ରବିନାରାୟଣ ପାଢ଼ୀ ପ୍ରମୁଖ ଯୋଗ ଦେଇଥିଲେ। କବି କାର୍ତ୍ତିକେଶ୍ୱର ନାୟକ ଧନ୍ୟବାଦ ଅର୍ପଣ କରଥିଲେ।

# ଛାତ୍ରଛାତ୍ରୀଙ୍କୁ ସ୍କୁଲବ୍ୟାଗ ଓ ପାଣି ବୋତଲ ପ୍ରଦାନ



ମନମୁଣ୍ଡା,୨୯ ।୩(ସମିସ): ମନମୁଣ୍ଡା କ୍ଲଷ୍ଟର ନୁର୍ପା ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ପଞ୍ଜାବ ନ୍ୟାସନାଲ ବ୍ୟାଙ୍କ ସ୍କୁଲ ବ୍ୟାଗ ଓ ପାଣି ବୋତଲ ପ୍ରଦାନ କରିଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଲଳିତ ଧଳଙ୍କ ସଭାପତିତ୍ୱ ଏବଂ ସିଆରସିସି ପ୍ରଜିନା ପାଢ଼ୀଙ୍କ ସଂଯୋଜନାରେ ଏନେଇ ଏକ ସଭା ହୋଇଥିଲା। ସମ୍ବଲପୁର ମଣ୍ଡଳ ମୁଖ୍ୟ ଅଜିତ ମେହେର, ମାର୍କେଟିଙ୍ଗ ଅଫିସର ଲିଙ୍କନ ସାହୁ, ନରେଶ କର୍ଣ୍ଣ, ଦୁଃଶାସନ କର୍ଣ୍ଣ, ପିଙ୍କୁ ବେହେରା, ଶର୍ମିଷ୍ଠା ମିଶ୍ର ପ୍ରମୁଖ ଏଥିରେ ଯୋଗ ଦେଇଥିଲେ।

# ଭାଲିଆପଦର ମାଁ ମାହେଶ୍ୱରୀ ପୂଜା ଉପଲକ୍ଷେ କଳସ ଶୋଭାଯାତ୍ରା

ମନମୁଣ୍ଡା,୨୯ ।୩(ସମିସ): ମନମୁଣ୍ଡା ପଞ୍ଚାୟତ ଭାଲିଆପଦର ମାଁ ମାହେଶ୍ୱରୀ ମନ୍ଦିରରେ ଡୁମାଲ ସମାଜ ଦ୍ୱାରା ମାଁ ମାହେଶ୍ୱରୀଙ୍କଠାରେ ଏକ ପୂଜାର୍ଚ୍ଚନା ଓ ହୋମଯଜ୍ଞ ଅନୁଷ୍ଠିତ ହେବାକୁ ଯାଉଛି। ଏଥି ସକାଶେ ଆଜି ଏକ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ଡୁମାଲ ପରିଷଦ ଓଡ଼ିଶା, ଭାଲିଆପଦର କେନ୍ଦ୍ର ସଭାପତି ରବିଚନ୍ଦ୍ର ପ୍ରଧାନଙ୍କ ତତ୍ତ୍ୱାବଧାନ ଏବଂ ପରିଷଦର ବରିଷ୍ଠ ସଭ୍ୟ ସମାଜସେବୀ ସୁଧୀର ମହାକୁଡଙ୍କ ନେତୃତ୍ୱରେ ଏହା ଅନୁଷ୍ଠିତ ହୋଇଥିଲା। ଘଣ୍ଟ, ଶଙ୍ଖ, ବାଦ୍ୟ ସହ ମାଁଙ୍କ ଛତ୍ର ଓ ଧ୍ୱଜା ସହ ଶତାଧିକ ପୁରୁଷ ଓ ମହିଳା ମନମୁଣ୍ଡା ତେଲନଦୀ ଘାଟରୁ ପୂର୍ଣ୍ଣ କଳସ ଧାରଣ କରି ଶୋଭାଯାତ୍ରା ଆସି ମନ୍ଦିରରେ ସ୍ଥାପନ କରିଥିଲେ। ମନ୍ଦିର ପୂଜକ ଡୋଳାମଣି ପ୍ରଧାନ, ପୃଥ୍ୱୀରାଜ ପ୍ରଧାନ, ଯୁବରାଜ ପ୍ରଧାନ ପ୍ରମୁଖ ପୂଜାର୍ଚ୍ଚନା କରିଥିଲେ। ଭାଲିଆପଦର କେନ୍ଦ୍ର ଅଧୀନ ପ୍ରାୟ ୨୭ ଖଣ୍ଡ ଗ୍ରାମର ହଜାର ସଂଖ୍ୟାରେ ଡୁମାଲ ସମାଜର ଆବାଳ ବୃଦ୍ଧ, ବୃଦ୍ଧା ଏଥିରେ ଯୋଗ ଦେଇଥିଲେ। ପରିଷଦ ଉପ ସଭାପତି ଖଗେଶ୍ୱର ଡ଼ାଙ୍ଗ, ସମ୍ପାଦକ ତପନ କର୍ମୀ, ସହ ସମ୍ପାଦକ ଲକ୍ଷ୍ମଣ ଦେହୁରୀ, ବରିଷ୍ଠ ସଭ୍ୟ ଖଗେଶ୍ୱର ବସ୍ତିଆ, ଗ୍ରାମ ପ୍ରମୁଖ ବିଘ୍ନେସନ ମହାକୁଡ ପ୍ରମୁଖ ସହଯୋଗ କରିଥିଲେ।

# ବୌଦ୍ଧ ଗଡ଼ଜାତର ରାମ କଥା ଉଦ୍ଯାପିତ



ବୌଦ୍ଧ,୨୯ ।୩ (ସମିସ): ସଦ୍‌ଭାବନା ସଭାଗୃହଠାରେ ଶ୍ରୀ ରାମଲୀଳା ନାଟ୍ୟ ସଂସଦ ପକ୍ଷରୁ ବୌଦ୍ଧ ଗଡଜାତର ରାମକଥା ଶୀର୍ଷକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ସୋନପୁର ଜିଲ୍ଲାପାଳ ଡକ୍ଟର ନୃପରାଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଶ୍ରୀ ରାମଲୀଳା ନାଟ୍ୟ ସଂସଦର ସଭାପତି ମୃତ୍ୟୁଞ୍ଜୟ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଆଲୋଚକ ବାସୁଦେବ ପାତ୍ର, ସତ୍ୟ ନାରାୟଣ ପାଣି, ହାଡ଼ିବନ୍ଧୁ ମହାଖୁଡ଼, ସତ୍ୟଜିତ ପଣ୍ଡା, କୈଳାଶ ଚାନ୍ଦ, ଡ. ସନ୍ତୋଷ ରଥ, ସୁଦାମ ନାଏକ, ମନୋଜ ମହାନ୍ତିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆଲୋଚନାଚକ୍ରର ପ୍ରଥମ ଅଧିବେଶନରେ ଡ. ଜ୍ୟୋତି ରଞ୍ଜନ ବହିଦାର ସଭାପତିତ୍ୱ କରିଥିଲେ। ସୁଦାମ ନାଏକ ସଂଯୋଜନା କରିଥିଲେ। ଦ୍ୱିତୀୟ ଅଧିବେଶନରେ ବାସୁଦେବ ପାତ୍ର ସଭାପତିତ୍ୱ କରିଥିବା ବେଳେ ଡ. କଳ୍ପତରୁ ନାଏକ ସମୀକ୍ଷା କରିଥିଲେ। ସୁଶାନ୍ତ ମହାପାତ୍ର ସଂଯୋଜନା କରିଥିଲେ।

# ଓଡ଼ିଶା ଦିବସ ପାଇଁ ବକ୍ତୃତା ପ୍ରତିଯୋଗିତା

ବୌଦ୍ଧ,୨୯ ।୩(ସମିସ): ବୌଦ୍ଧ ଜିଲ୍ଲା ପାଠାଗାରଠାରେ ଓଡ଼ିଶା ଦିବସ ଉପଲକ୍ଷେ ଓଡ଼ିଆ ବକ୍ତୃତା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଚିତ୍ତରଞ୍ଜନ ଦାଶ, ଦୁଃଖିଶ୍ୟାମ ବେହେରା, ପଦ୍ମଜା ପତି, ଆନନ୍ଦ ବେହେରା ପ୍ରମୁଖ ବିଚାରକ ଥିଲେ। ମେଣ୍ଟିମାଳ ସରକାରୀ ଉଚ୍ଚ ବିଦ୍ୟାଳୟର ଶ୍ରଦ୍ଧା ଶୁଭଦର୍ଶିନୀ ସାହୁ ରାଜ୍ୟସ୍ତରୀୟ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବା ପାଇଁ ଯୋଗ୍ୟ ବିବେଚିତ ହୋଇଥିଲେ।



# ଆଞ୍ଚଳିକ ପରିବହନ କାର୍ଯ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର

ବୌଦ୍ଧ,୨୯ ।୩(ସମିସ): ବୌଦ୍ଧ ଜିଲ୍ଲା ରକ୍ତ ଭଣ୍ଡାରଠାରେ ଆଞ୍ଚଳିକ ପରିବହନ ପ୍ରାଧିକରଣ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଏହି ଶିବିରକୁ ଉଦ୍‌ଘାଟନ କରିଥିଲେ। ଆଞ୍ଚଳିକ ପରିବହନ ଅଧିକାରୀ ସୁଷମା ସାହୁଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କାର୍ଯ୍ୟାଳୟର ସମସ୍ତ ଅଧିକାରୀ, କର୍ମଚାରୀଙ୍କ ସମେତ ବହୁ ସ୍ୱେଚ୍ଛାସେବୀ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ।

# ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ଭାଗ ନେଲେ ଶୈଳଶ୍ରୀ

ବୌଦ୍ଧ,୨୯ ।୩(ସମିସ): ଆନ୍ଧ୍ର ପ୍ରଦେଶର ଗୁଣ୍ଟୁର ଜିଲ୍ଲାରେ ଆରମ୍ଭ ହୋଇଥିବା ଅଣ୍ଡର ଟେନ୍ ଜାତୀୟ ତୀରନ୍ଦାଜୀ ପ୍ରତିଯୋଗିତାରେ ବୌଦ୍ଧ ଜିଲ୍ଲାରୁ ଶୈଳଶ୍ରୀ ସାହୁ ଅଂଶ ଗ୍ରହଣ କରିଛନ୍ତି। ଶୈଳଶ୍ରୀ ବୌଦ୍ଧ ସେଣ୍ଟ ଜାଭିୟର୍ସ ପବ୍ଲିକ ସ୍କୁଲରେ ତୃତୀୟ ଶ୍ରେଣୀରେ ପଢୁଛନ୍ତି। ସେ ବୌଦ୍ଧ ବ୍ଲକ ଲକ୍ଷ୍ମୀପ୍ରସାଦ ପଞ୍ଚାୟତ ବାଘପାଲି ଗ୍ରାମର ସୂର୍ଯ୍ୟ ସାହୁ ଓ ପ୍ରିୟଦର୍ଶିନୀ ସାହୁଙ୍କ ଏକମାତ୍ର ଝିଅ।



# କୃଷି ନିର୍ଦ୍ଦେଶକଙ୍କ ପାଲଝାର ଫାର୍ମ ପରିଦର୍ଶନ



ବୌଦ୍ଧ,୨୯ ।୩ (ସମିସ): ଉଦ୍ୟାନ କୃଷି ନିର୍ଦ୍ଦେଶକ କାଲୁଙ୍ଗେ ଗୋରଖ ୱମନ ଦିନିକିଆ ବୌଦ୍ଧ ଜିଲ୍ଲା ଗସ୍ତରେ ଆସି ବୌଦ୍ଧ ବ୍ଲକ ବଘିଆପଡ଼ା ପଞ୍ଚାୟତ ପାଲଝାରଠାରେ ଥିବା ଏନଏଚ୍ଆରଡିଏଫ୍ କୃଷି ଫାର୍ମ ପରିଦର୍ଶନ କରିଛନ୍ତି। ସେଠାରେ ହୋଇଥିବା ବିଭିନ୍ନ ଚାଷ ଯଥା ପିଆଜ, ରସୁଣ ଚାଷ ପରିଦର୍ଶନ କରିଥିଲେ। ତାଙ୍କ ସହ ବୌଦ୍ଧ ଜିଲ୍ଲାର ସହକାରୀ କୃଷି ନିର୍ଦ୍ଦେଶକ ଯୋଗେନ୍ଦ୍ର ନାଥ ମହାପାତ୍ର, ଏନଏଚଆରଡିଏଫ୍ ମୁଖ୍ୟ ଡକ୍ଟର ସତ୍ୟେନ୍ଦ୍ର ସିଂ ପ୍ରମୁଖ ଉପସ୍ଥିତ ଥିଲେ।

# ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ବାର୍ଷିକ ଉତ୍ସବ

ତରଭା,୨୯।୩(ସମିସ): ଆଜି ତୁମେମାନେ ଯାହା ପ୍ରଦର୍ଶନ କରିବ, ବିଦ୍ୟାଳୟର ବିଭିନ୍ନ ପ୍ରତିଯୋଗିତାରେ ତୁମେମାନେ ଯେଭଳି ପ୍ରଦର୍ଶନ କରିଛ ତାହା କେବଳ ତୁମର ପ୍ରତିଭା ନୁହେଁ, ବରଂ ତୁମମାନଙ୍କ ଶିକ୍ଷକମାନଙ୍କ ପରିଶ୍ରମ ଓ ଅଭିଭାବକମାନଙ୍କ ସମର୍ପଣର ପ୍ରମାଣ। ତୁମମାନଙ୍କ ଭିତରେ ଲୁକ୍କାୟିତ ଅଛି ଏକ ବିରାଟ ଭବିଷ୍ୟତ। ସେହି ଭବିଷ୍ୟତକୁ ଉଜ୍ଜ୍ୱଳ କରିବା ପାଇଁ ଜ୍ଞାନ ଆହରଣ କର, ନୈତିକତା ରଖ ଓ ସଂସ୍କୃତିକୁ ଆଗକୁ ବଢ଼ାଅ। ଜ୍ଞାନ ବିନୟ ଦେଇଥାଏ, ବିନୟ ପାତ୍ରତା ଦେଇଥାଏ,ପାତ୍ରତା ଧନ ଦେଇଥାଏ ଓ ଧନ ଧର୍ମ ଓ ସୁଖ ଦେଇଥାଏ ବୋଲି ଶନିବାର ସନ୍ଧ୍ୟାରେ ତରଭା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ବାର୍ଷିକ ଉତ୍ସବରେ ଯୋଗଦେଇ ଅତିଥିମାନେ କହିଛନ୍ତି। ପ୍ରଧାନ ଆଚାର୍ଯ୍ୟ ମହେନ୍ଦ୍ର ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ ୩୧ ତମ ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ତରଭା ବିଡ଼ିଓ ଶିବାନନ୍ଦ କର୍ମୀ, ମୁଖ୍ୟବକ୍ତା ଭାବେ ନୂଆପଡ଼ା ଦୋହେଲପଡା ପଲ୍ଲିପ୍ରଗତି ମହାବିଦ୍ୟାଳୟର ଅଧ୍ୟକ୍ଷ ରୁଦ୍ର ମାଧବ ବାରିକ, ପରିଚାଳନା ସମିତିର ସଭାପତି ଲକ୍ଷ୍ମଣ ରଣା, ପରିଚାଳନା ସମିତିର ସମ୍ପାଦକ ପ୍ରଦ୍ୟୁମ୍ନ ମହାନ୍ତି ଯୋଗଦେଇ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସରିତା ନାୟକ ଗୁରୁମା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ସମ୍ପାଦକ ଶ୍ରୀ ମହାନ୍ତି ଅତିଥି ପରିଚୟ ପ୍ରଦାନ କରିଥିଲେ। ପ୍ରଧାନ ଆଚାର୍ଯ୍ୟ ଶ୍ରୀ ନାୟକ ବାର୍ଷିକ ବିବରଣୀ ପାଠ କରିଥିଲେ। ପ୍ରଥମ ରୁ ଦଶମ ଶ୍ରେଣୀ ବାର୍ଷିକ ପରୀକ୍ଷାରେ ସର୍ବୋଚ୍ଚ ଅଙ୍କ ରଖିଥିବା ଛାତ୍ରଛାତ୍ରୀ, ନବୋଦୟ, ସରକାରୀ ବୃତ୍ତି, ପଠାଣି ସାମନ୍ତ ଗଣିତ ପ୍ରତିଭାରେ ଉତ୍ତୀର୍ଣ୍ଣ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ୨୫ ଟି ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ବିଦ୍ୟାଳୟର ଉଦୟ ଶ୍ରେଣୀ ରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରାୟ ୩୫୦ ଶିଶୁ ଏଥିରେ ଅଂଶଗ୍ରହଣ କରିଥିଲେ। ଶିଶୁ ବାଟିକାର କଂସ ବଧ, କୃଷ୍ଣ ସୁଦାମା ନାଟକ ଓ ଶାମ୍ବାଜୀ ମହାରାଜା ନାଟକ ବିଶେଷ ଆକର୍ଷଣ ଥିଲା। ସମସ୍ତ ଗୁରୁଜୀ ଗୁରୁମା ଓ ସେବକ ସେବିକାମାନେ ସହଯୋଗ କରିଥିଲେ।



# କାଳବୈଶାଖୀରେ ସ୍କୁଲଘର ଆଜବେଷ୍ଟ ଉଡ଼ିଗଲା

କଣ୍ଟାମାଳ,୨୯ ।୩(ସମିସ): ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ୍ ବରଗାଁ ପଞ୍ଚାୟତ ଅଧୀନ ବିରାମୁଣ୍ଡା ସ୍କୁଲଘର କାଳବୈଶାଖୀ ନଷ୍ଟ ହୋଇଛି। ପବନ ପ୍ରଭାବରରେ ଆଜବେଷ୍ଟ ଉଡ଼ି ଯାଇଛି। ଏହି ବିଦ୍ୟାଳୟରେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ରହିଛି। ଗୋଟିଏ କୋଠରି ସମ୍ପୂର୍ଣ୍ଣ ବସିବା ଅନୁପଯୋଗୀ ହୋଇ ପଡିଛି। ଏଣୁ ଛାତ୍ରଛାତ୍ରୀଙ୍କ ପାଠପଢ଼ାରେ ବାଧା ସୃଷ୍ଟି ହୋଇଛି। ତେବେ ପ୍ରତିବର୍ଷ କାଳବୈଶାଖୀ ଦ୍ୱାରା ସ୍କୁଲର କିଛିନା କିଛି ନଷ୍ଟ ହେଉଛି ବୋଲି ଗ୍ରାମର ୱାର୍ଡସଭ୍ୟ କବିବନ୍ତ ଭୋଇ କହିଛନ୍ତି।

# ବୌଦ୍ଧରେ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି

ବୌଦ୍ଧ,୨୯ ।୩ (ସମିସ): ମାଧ୍ୟମିକ ଶିକ୍ଷା ପରିଷଦ ସଭାପତି ଶ୍ରୀକାନ୍ତ ତରାଇ ବୌଦ୍ଧ ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଚାଲିଥିବା ମାଟ୍ରିକ ପରୀକ୍ଷା ମୂଲ୍ୟାଙ୍କନ କେନ୍ଦ୍ର ପରିଦର୍ଶନ କରିଛନ୍ତି। ଏହି କେନ୍ଦ୍ରରେ ଚାଲିଥିବା ମୂଲ୍ୟାଙ୍କନ ପ୍ରକ୍ରିୟାର ସେ ତଦାରଖ କରିଥିଲେ। ଏଥିରେ ନିଯୁକ୍ତ ସମସ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କୁ ଉତ୍ତମ ମୂଲ୍ୟାଙ୍କନ ପାଇଁ ପରାମର୍ଶ ଦେଇଥିଲେ। ଜଣେ ଯୋଗ୍ୟ ଛାତ୍ର କିମ୍ବା ଛାତ୍ରୀ ତା'ର ପ୍ରାପ୍ୟରୁ ଯେମିତି ବଞ୍ଚିତ ନ ହେଉ ସେଥିପାଇଁ ମୂଲ୍ୟାଙ୍କନ ସହିତ ଜଡ଼ିତ ଥିବା ସହ-ପରୀକ୍ଷକଠାରୁ ଆରମ୍ଭ କରି ଉପ ପରୀକ୍ଷକ, ମୁଖ୍ୟ ପରୀକ୍ଷକ ଓ ଅନଲାଇନରେ ମାର୍କ ଚଢାଉଥିବା ଡାଟା ଏଣ୍ଟ୍ରି ଅପରେଟରଙ୍କ ପର୍ଯ୍ୟନ୍ତ ସମସ୍ତେ ଯତ୍ନବାନ ହେବାକୁ ସେ ଅନୁରୋଧ କରିଥିଲେ। ଏହା ସହ ମୂଲ୍ୟାଙ୍କନ କେନ୍ଦ୍ରରେ ପରୀକ୍ଷକଙ୍କ ପାଇଁ କରାଯାଇଥିବା ବ୍ୟବସ୍ଥା ବୁଲି ଦେଖଥିଲେ। ସେହିଭଳି ଷ୍ଟ୍ରଙ୍ଗ୍ ରୁମ୍ ପରିଦର୍ଶନ କରିଥିଲେ। ଏହା ସହ ସେ ବୌଦ୍ଧ ଜିଲ୍ଲାରେ ସର୍ବଶିକ୍ଷା ଅଭିଯାନର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଥିବାବେଳେ ଆରମ୍ଭ କରିଥିବା କଳାପଟା ଲିଖନ କାର୍ଯ୍ୟକ୍ରମକୁ ପୁଣି ଥରେ ଆରମ୍ଭ କରିବାକୁ କହିଥିଲେ। ଏହାଦ୍ୱାରା ମାଟ୍ରିକ ପରୀକ୍ଷାରେ କେହି ଶୂନ୍ ନମ୍ବର ପାଇବେ ନାହିଁ ବୋଲି କହିଥିଲେ। ଏହି ଅବସରରେ ଉପସ୍ଥିତ ଯୋଗୀନ୍ଦ୍ର ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ତଥା ଅବସରପ୍ରାପ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସ୍ନେହଲତା ପୁରୋହିତ ଅବସର ନେଲା ପରେ ମଧ୍ୟ ଦୁର୍ବଳ ପିଲାଙ୍କ ପାଠ ପଢ଼ାରେ ସହଯୋଗ କରିବା ପାଇଁ ପରିଷଦ ସଭାପତି ଅନୁରୋଧ କରିଥିଲେ। ତେବେ ମୂଲ୍ୟାଙ୍କନ ବାବଦ ପାଉଣା ବୃଦ୍ଧି ଲାଗି ପରୀକ୍ଷକମାନେ ପରିଷଦ ସଭାପତିଙ୍କୁ ଦାବିପତ୍ର ଦେଇଥିଲେ। ସରକାରଙ୍କ ଦୃଷ୍ଟିକୁ ଆଣି ଆସନ୍ତା ବର୍ଷ ପାଇଁ ପଦକ୍ଷେପ ନିଆଯିବ ବୋଲି ଶ୍ରୀ ତରାଇ ଆଶ୍ୱାସନା ଦେଇଥିଲେ।



# ନଳିନୀ ଶତପଥୀଙ୍କ 'ପ୍ରଣୟ କୁସୁମ' ଉନ୍ମୋଚିତ



ବଲାଙ୍ଗିର,୨୯ ।୩(ସମିସ): ସଦାଇପାଲି ସାଇଟ ସ୍କୁଲ ଅଫ୍ ନର୍ସିଂଠାରେ ଅଖିଳ ଭାରତୀୟ ସାହିତ୍ୟ ପରିଷଦ ବଲାଙ୍ଗିର ଶାଖା ଆନୁକୂଲ୍ୟରେ ପରିବେଶ ସଂରକ୍ଷଣ ପର୍ଯ୍ୟାବରଣ ସୁରକ୍ଷା, ଜୀବନ ରକ୍ଷା ଶୀର୍ଷକ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ନଳିନୀ ପ୍ରଭା ଶତପଥୀଙ୍କ ରଚିତ ଗୀତିନାଟ୍ୟ ପ୍ରଣୟ କୁସୁମ ଉନ୍ମୋଚିତ ହୋଇଥିଠଲା। ଏଥିରେ ପରିଷଦର ସଭାପତି ଡ. ଭବାନୀ ଶଙ୍କର ପଟେଲ, ସଚୀବ ରାମଚନ୍ଦ୍ର ପଟେଲ, ରାଜ୍ୟ କାର୍ଯ୍ୟକାରିଣୀ ସଭ୍ୟ ଗିରିଜା ଶଙ୍କର ରଥ, ଡିପ୍ଲୋମା କଲେଜ ଅଧ୍ୟକ୍ଷା ନମିତା ପଟେଲ, ସ୍ନିଗ୍ଧା ମିନତି ଦାନୀ ମଞ୍ଚାସୀନ ଥିଲେ। ଚୁମୁକି ଦାଶ ସଂଯୋଜନା କରିଥିଲେ। ବିଏସ୍‌ସି ନର୍ସିଂର ଛାତ୍ରୀ ସୁଶ୍ରୀ ଶ୍ୱେତାରାନୀ ବାରିକ, ସ୍ନେହାସିନୀ ସାହୁ, କବିତା ବାଗ, ସାନିଆ ସାହୁ, ସନ୍ଧ୍ୟାରାଣୀ ସୁନା, କବିରତ୍ନ ଡ. ଗୋପୀକୃଷ୍ଣ ପାଣ୍ଡିଆ, ଗିରିଜା ଶଙ୍କର ରଥ, ରାମ ଶଙ୍କର ଶତପଥୀ, ନଳିନୀପ୍ରଭା ଶତପଥୀ, ଡ. ଭବାନୀ ଶଙ୍କର ପଟେଲ, କବି ଚୁମୁକି ଦାସ ପ୍ରମୁଖ କବିତା ପାଠ କରିଥିଲେ। ଡ. ଭବାନୀ ଶଙ୍କର ପଟେଲ ନାଟକ ସମୀକ୍ଷା କରିଥିଲେ।

# ପରମାନନ୍ଦ ମିଶ୍ରଙ୍କ ପରଲୋକ

ତରଭା,୨୯।୩(ସମିସ): ତରଭା ବ୍ଲକ୍ ସରଗଜ ଗ୍ରାମର ବିଶିଷ୍ଟ କଳାକାର ତଥା ଦଣ୍ଡ ଓ କୀର୍ତ୍ତନ ଗୁରୁ ପରମାନନ୍ଦ ମିଶ୍ର (ହାଡୁ-୫୮)ଙ୍କ ଶୁକ୍ରବାର ରାତିରେ ହୃଦ୍‌ଘାତରେ ପରଲୋକ ହୋଇଛି। ଶୁକ୍ରବାର ସନ୍ଧ୍ୟା ୮ଟାରେ ହାଡୁ ନିଃଶ୍ୱାସ ନେବାରେ କଷ୍ଟ ଅନୁଭବ କରିବାରୁ ପରିବାର ଲୋକେ ତରଭା ଡାକ୍ତରଖାନାକୁ ଆଣିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସ୍ୱର୍ଗତ ହାଡୁ ଏକାଧାରରେ ଜଣେ ତବଲା, ଢୋଲ, ମୃଦଙ୍ଗ, ନିଶାନ ବାଜାଇବାରେ ସିଦ୍ଧହସ୍ତ ଥିଲେ। ତାଙ୍କ ପତ୍ନୀ ଓ ଦୁଇ ପୁଅ ଅଛନ୍ତି। ଶୁକ୍ରବାର ରାତିରେ ଗାଁ ଶ୍ମଶାନରେ ଶୋକାକୁଳ ପରିବେଶରେ ତାଙ୍କ ଅନ୍ତିମ ସତ୍କାର ସମ୍ପନ୍ନ ହୋଇଛି। ପୁଅ ବିଭୁଦତ୍ତ ଓ ଧର୍ମଦତ୍ତ ମୁଖାଗ୍ନି ଦେଇଥିଲେ। ହାଡୁଙ୍କ ମୃତ୍ୟୁରେ ତରଭା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।



# ନାଟକ ଓ ଲୋକକଳା ସମାଜର ଦର୍ପଣ

ଜହ୍ନାପଙ୍କ,୨୯ ।୩(ସମିସ)

ସ୍ଥାନୀୟ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ବୌଦ୍ଧ ଜିଲ୍ଲାର ଅଗ୍ରଣୀ ସାଂସ୍କୃତିକ ଅନୁଷ୍ଠାନ ବାଉଁସୁଣୀ ସାଂସ୍କୃତିକ ପରିଷଦ ପକ୍ଷରୁ ବିଶ୍ୱ ନାଟ୍ୟ ଦିବସ ଅବସରରେ ଦ୍ୱିତୀୟ ନାଟକ ଓ ଲୋକକଳା ମହୋତ୍ସବ ଅନୁଷ୍ଠିତ ହୋଇଯାଇଛି। ପରିଷଦର ସଭାପତି ସୁଶାନ୍ତ ବାଘଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ କଣ୍ଟାମାଳ ବିଧାୟକ କହ୍ନେଇ ଚରଣ ଡାଙ୍ଗ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ନାଟକ ଓ ଲୋକକଳା ସମାଜର ଦର୍ପଣ ଏବଂ ସଂସ୍କୃତିର ମୂଳଦୁଆ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ବୌଦ୍ଧ ବ୍ଲକ୍ ଅଧ୍ୟକ୍ଷ ପ୍ରିୟଦର୍ଶୀ ପ୍ରତ୍ୟୁଷ ରଥ ଯୋଗ ଦେଇଥିଲେ। ଅନ୍ୟତମ ଅତିଥି ଭାବେ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ପ୍ରଧାନ ଆଚାର୍ଯ୍ୟ ଦଧିବାମନ ରଣା, ମୁଖ୍ୟ ବକ୍ତା ଭାବେ ବରିଷ୍ଠ ନାଟ୍ୟକାର ରାଜେନ୍ଦ୍ର ମିଶ୍ର ଯୋଗ ଦେଇଥିଲେ। ଏହି ଅବସରରେ କଳା ଓ ସଂସ୍କୃତି ପ୍ରତି ଅବଦାନ ପାଇଁ ହରିହର ପ୍ରଧାନ, କରୁଣାକର ଘଣ୍ଟୁଆଲ ଏବଂ ନାରାୟଣ ଦେହୁରୀଙ୍କୁ ସମ୍ମାନିତ କରାଯାଇଥିଲା। ସୋନପୁର ଜିଲ୍ଲା ବଡକଲ୍‌ଲେସ୍ଥିତ ବୀଣାପାଣି ସାହିତ୍ୟ କଳା ସଂସଦ ପକ୍ଷରୁ ନାଟକ 'ବଳଦ' ପରିବେଷିତ ହୋଇଥିଲା। ଅନୁଷ୍ଠାନର ସମ୍ପାଦକ ସୀତାକାନ୍ତ ସିଂହ ବାର୍ଷିକ ବିବରଣୀ ପଠନ କରିଥିବା ବେଳେ ବରିଷ୍ଠ ସଦସ୍ୟ ପ୍ରବୀଣ କୁମାର ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।



# ଜିଲ୍ଲାସ୍ତରୀୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ କ୍ୟାମ୍ପୋରୀ ଉଦ୍‌ଘାଟିତ

ଧର୍ମଗଡ଼, ୨୯ ।୩(ସମିସ): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଓ ଏସବିସି କଳାହାଣ୍ଡି ଜିଲ୍ଲା ୟୁନିଟ୍ ଦୁଇଦିନିଆ ଜିଲ୍ଲା କ୍ୟାମ୍ପୋରୀ ଧର୍ମଗଡ଼ କଳାହାଣ୍ଡି ଉତ୍ସବ ପଡ଼ିଆରେ ଉଦ୍‌ଘାଟିତ ହୋଇଯାଇଛି । ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଓଡ଼ିଶା ଭାରତ ସ୍କାଉଟ ଓ ଗାଇଡ୍ସ ଭୁବନେଶ୍ୱର ପକ୍ଷରୁ ଆୟୋଜିତ ଉକ୍ତ କ୍ୟାମ୍ପୋରୀରେ ଜିଲ୍ଲା ୧୩ଟି ବ୍ଲକର ୬୧୨ଜଣ ଶିବିରାର୍ଥି ଯୋଗ ଦେଇଛନ୍ତି । ସ୍କୁଲ ଏବଂ ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଯୋଗଦେଇ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ । କଳାହାଣ୍ଡି ଅତିରିକ୍ତ ଜିଲ୍ଲାପାଳ ତନ୍ମୟ କୁମାର ଦରୱାନଙ୍କ ସଭାପତିତ୍ୱରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଡିଏଭି, ଟିଟଲାଗଡ଼ର ପୂର୍ବତନ ଅଧ୍ୟକ୍ଷ ଶିବ ପ୍ରସାଦ ବେହେରା ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ଲକ୍ଷ୍ମୀକାନ୍ତ ବାଗ, ହିମାଂଶୁ ଶେଖର ପଣ୍ଡା, ଅବସରପ୍ରାପ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ସୁଶାନ୍ତ ଚୋପଦାର, ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ତପିମଣି ଜାନୀ, ଜିଲ୍ଲା କମିଶନର ସ୍କାଉଟ୍ସ ମହେନ୍ଦ୍ର କୁମାର ପଣ୍ଡା, ଜିଲ୍ଲା ସମ୍ପାଦକ ସ୍କାଉଟ୍ସ ରୂପସିଂ ରାଉତ, ଅତିରିକ୍ତ ସହ ଜିଲ୍ଲା ଅଧିକାରୀ ରାମ ସାଗର ମହାନନ୍ଦ, ଧର୍ମଗଡ଼ ଶିକ୍ଷା ଜିଲ୍ଲା ଗୋଷ୍ଠୀ ଅଧିକାରୀ ପଙ୍କଜିନୀ ମାଝୀ, ଜିଲ୍ଲା ଟ୍ରେନର କମିଶନର ଧୀରେନ୍ଦ୍ର କୁମାର ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ । ଜିଲ୍ଲା ଶିକ୍ଷା ଅଧିକାରୀ ରାଧାକାନ୍ତ ଛତ୍ରୀ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । ତିନିଦିନ ଧରି ଓଏସବିସି ସହିତ ଜଡିତ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ଏବଂ ସେମାନଙ୍କର ଉତ୍କୃଷ୍ଟ ଦକ୍ଷତା ପ୍ରଦର୍ଶନ କରିବାରେ ଗର୍ବ ଅନୁଭବ କରିବେ । ଆୟୋଜନ କମିଟିର ସମ୍ପାଦକ ଧର୍ମଗଡ଼ ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଜୟନ୍ତ କୁମାର ମୁଣ୍ଡ ଧନ୍ୟବାଦ ପ୍ରଦାନ କରିଥଲେ । ଭାରତ ସ୍କାଉଟ୍ସ ଏବଂ ଗାଇଡ୍ସ ଶିକ୍ଷକ ତେଜେଶ୍ୱର ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମିଡ଼ିଆ ସଂଯୋଜକ ସଞ୍ଜିତ କୁମାର ପଣ୍ଡା, ନରେନ୍ଦ୍ର କୁମାର ଜଗତ ପ୍ରମୁଖ ସହଯୋଗ କରିଥିଲେ ।



# ୨ ବର୍ଷ ପରେ ବି 'ବସୁଧା' ଯୋଜନା କାମ ସରୁନି

## ଗ୍ରାମ୍ୟ ଜଳଯୋଗାଣ ଅଧିକାରୀଙ୍କୁ ଘେରିଲେ ଗ୍ରାମବାସୀ

ଧର୍ମଗଡ଼, ୨୯ ।୩(ସମିସ)

ଧର୍ମଗଡ଼ ବ୍ଲକ ପର୍ଲାରେ ବିଶୁଦ୍ଧ ପାନୀୟ ଜଳ ଯୋଗାଣ ପାଇଁ ବସୁଧା ଯୋଜନା ନିର୍ମାଣ କାମ ଆରମ୍ଭ ହୋଇଛି । ଅବଧି ଶେଷ ପରେ ବି ନିର୍ମାଣ କାମ ଠପ ହୋଇପଡ଼ିଛି । ଏଣେ ଗାଁରେ ଜଳସଙ୍କଟ ଉତ୍କଟ ହେବାରେ ଲାଗିଛି । ଗ୍ରାମବାସୀ ସରପଞ୍ଚଙ୍କ ନେତୃତ୍ୱରେ ବାରମ୍ବାର ଧର୍ମଗଡ଼ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଥିଲେ ସୁଦ୍ଧା ନିର୍ମାଣ କାମ ତ୍ୱରାନ୍ୱିତ ହୋଇ ପାରିନାହିଁ । ଯାହାକୁ ନେଇ 'ସକାଳ'ରେ ଖବର ପ୍ରକାଶିତ ହୋଇଥିଲା । ଏହାର ପ୍ରଭାବରେ ଆଜି ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ସମେତ ବିଭାଗୀୟ ଯନ୍ତ୍ରୀ ଓ ଠିକାଦାର କାର୍ଯ୍ୟ ପରଖିବାକୁ ଆସି ହଟହଟା ହୋଇ ପଡ଼ିଛନ୍ତି । ସରପଞ୍ଚ ବ୍ରିଜଲାଲ ନାଏକ ଙ୍କ ସମେତ ଗ୍ରାମବାସୀ ଏକତ୍ରିତ ହୋଇ ଅଧିକାରୀଙ୍କ ସମେତ ଠିକାଦାରଙ୍କୁ ଘେରାଉ କରି ରଖିଥିଲେ । ଅଧିକାରୀ ଙ୍କୁ ୨ବର୍ଷ ପରେ ନିର୍ମାଣ କାମ ଶେଷ ହୋଇ ପାରୁ ନ ଥିବା ଉପରେ ପ୍ରଶ୍ନ ଉଠାଇଥିଲେ । ଅନେକ ସ୍ଥାନରେ ଅଧପନ୍ତରିଆ ହୋଇ କାମ ଅଟକ ରହିଥିବା ଓ କେବେ ଗ୍ରାମବାସୀଙ୍କୁ ଜଳ ଯୋଗାଣ କରାଯିବ ପ୍ରଶ୍ନ ଉପରେ ପ୍ରଶ୍ନ ପଚାରିଥିଲେ । ତେବେ ଅଧିକାରୀ ଜଣକ ୧୫ଦିନ ଭିତରେ କାମ ଶେଷ ହୋଇ ଗ୍ରାମବାସୀଙ୍କୁ ଜଳ ଯୋଗାଇ ଦିଆଯିବା ପ୍ରତିଶ୍ରୁତି ପରେ ଉତ୍ତେଜନା ଶାନ୍ତ ହୋଇପଡ଼ିଥିଲା । ଠିକାଦାରଙ୍କୁ ଯୁଦ୍ଧକାଳୀନ ଭିତ୍ତିରେ କାର୍ଯ୍ୟ ଶେଷ କରିବାକୁ ଗ୍ରାମ୍ୟ ଜଳ ଯୋଗାଣ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି । ଅଧିକାରୀଙ୍କ ପ୍ରତିଶ୍ରୁତି ମୁତାବକ ୧୫ଦିନ ଭିତରେ ଗ୍ରାମବାସୀ ବିଶୁଦ୍ଧ ପାନୀୟ ଜଳ ଯୋଗାଣର ସୁବିଧା ପାଇବେ ନା ପ୍ରତିଶ୍ରୁତି ପାଣି ଫୋଟକା ଭଳି ହୋଇଯିବ ଆଗାମୀ ଦିନରେ ଜଣାପଡ଼ିବ ।



# ମା'ମଙ୍ଗଳା ଜନକଲ୍ୟାଣ କେନ୍ଦ୍ରରେ ବୟୋବନ୍ଦନା କାର୍ଯ୍ୟକ୍ରମ

ଭବାନୀପାଟଣା, ୨୯ ।୩(ସମିସ): ଭବାନୀପାଟଣା ସହରର ୪ନମ୍ବର ୱାର୍ଡସ୍ଥିତ ଶକ୍ତିନଗର ମା' ମଙ୍ଗଳା ମନ୍ଦିରରେ ବାସନ୍ତିକ ନବରାତ୍ର ପୂଜା ପଡ଼ାବାସୀଙ୍କ ଉଦ୍ୟମରେ ପାଳିତ ହୋଇଯାଇଛି । ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଓ ତାଙ୍କ ସହ ଧର୍ମିଣୀ ପ୍ରଭାସିନୀ ତ୍ରିପାଠୀ କର୍ତ୍ତା ଦାୟିତ୍ୱ ତୁଲାଇଥିବା ବେଳେ ସହଦେବ ପାଢ଼ୀ ମୁଖ୍ୟ ପୂଜକ, ଗୋପାଳ ଚନ୍ଦ୍ର ମିଶ୍ର, ପ୍ରଦୀପ କୁମାର ପଣ୍ଡା, ଚନ୍ଦ୍ର ଶେଖର ପୁରୋହିତ ପୂଜକ ଦାୟିତ୍ୱ ତୁଲାଇଥିଲେ ।



ନବରାତ୍ର ପୂଜାର ପୂର୍ଣ୍ଣାହୁତି ଦିବସରେ ପଡ଼ାର ଜନସେବା ଅନୁଷ୍ଠାନ ସେବାବ୍ରତୀ ଏକତା ମଞ୍ଚ ଦ୍ୱାରା ପରିଚାଳିତ ଜନସାଧାରଣଙ୍କ କଲ୍ୟାଣ ଲାଗି ନିର୍ମିତ ମା'ମଙ୍ଗଳା ଜନକଲ୍ୟାଣ କେନ୍ଦ୍ରର ତୃତୀୟ ବାର୍ଷିକ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ପଡ଼ା ଗଠନ କାର୍ଯ୍ୟରେ ଅନୁଦାନ ଥିବା ବୟୋଜ୍ୟୋଷ୍ଠ ଗୁରୁଜନ ଜଳନ୍ଧର ପତି (୮୧), ଦୟାନିଧି କମ୍ପ (୮୨ ), ନବୀନ ନାଗ (୮୦), ସୁରେଶ ଚନ୍ଦ୍ର ମିଶ୍ର (୯୧), ରମେଶଚନ୍ଦ୍ର ତ୍ରିପାଠୀ (୮୧) ଓ କୃପାସିନ୍ଧୁ ପଣ୍ଡା (୯୨)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସେବାବ୍ରତି ଏକତା ମଞ୍ଚର ସଭାପତି ପ୍ରଭାସ ଚନ୍ଦ୍ର ମିଶ୍ର ସଭାପତିତ୍ୱ କରିଥିବା ବେଳେ ଭବାନୀପାଟଣା ଚିନ୍ମୟମିଶନର ଆଚାର୍ଯ୍ୟ ସ୍ୱାମୀ ଅମେୟାନନ୍ଦ ସରସ୍ୱତୀ ମୁଖ୍ୟ ଅତିଥି, ବାଲଗୋପାଳ ସେବା ନିକେତନର ପ୍ରତିଷ୍ଠାତା ସମାଜସେବୀ ହେମନ୍ତ କୁମାର ମୁଣ୍ଡ ଓ ପ୍ରାଥମିକ ଶିକ୍ଷକ ସଂଘର ରାଜ୍ୟ ସଭାପତି, ପ୍ରକୃତିବନ୍ଧୁ ପ୍ରଦୀପ କୁମାର ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଶେଷରେ ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିବା ବେଳେ କୋଷାଧ୍ୟକ୍ଷ ସନାତନ ସାହୁ, ସଦସ୍ୟ କବିଚନ୍ଦ୍ର ସ୍ୱାଇଁ, ପ୍ରସନ୍ନ ପଟ୍ଟନାଏକ, ପ୍ରତ୍ୟୁଷ ମିଶ୍ର, ମନିଷ ପୁରୋହିତ, ମୁକେଶ ପୁରୋହିତ ମଞ୍ଚ ପରିଚାଳନା କରିଥିଲେ । ସମସ୍ତ କାର୍ଯ୍ୟର ମୁଖ୍ୟଦାୟିତ୍ୱ ଲୋଚନ ପ୍ରଧାନ, ଡମ୍ବରୁଧର ମିଶ୍ର, ମଦନମୋହନ ପଣ୍ଡା, ଚିତ୍ତରଞ୍ଜନ ପରିଚ୍ଛା, ଦୀନବନ୍ଧୁ ପୁରୋହିତ, ଗୋପାଳ ଚନ୍ଦ୍ର ମିଶ୍ର, ରଘୁନାଥ ମୁଣ୍ଡ, ରୋହିଣୀ କୁମାର ରଥ, ଅଜିତ ପଣ୍ଡା, ଭାଗ୍ୟବାନ ମେହେର, ଇନ୍ଦ୍ରଜିତ କର୍ମୀ, ରାମାନୁଜ ମୁଣ୍ଡ, କୃଷ୍ଣଚନ୍ଦ୍ର ପଣ୍ଡା, ପ୍ରଶାନ୍ତ ମହାପାତ୍ର ତୁଲାଇ ଥିଲେ ।

# ପୁଲିସର ଦବଙ୍ଗଗିରିକୁ ଛାତ୍ର ଓ ଯୁବ ବିଜେଡିର ପ୍ରତିବାଦ

ଭବାନୀପାଟଣା, ୨୯ ।୩(ସମିସ): ରାଜନୈତିକ ଉଦ୍ଦେଶ୍ୟ ରଖି ନର୍ଲା ବିଧାୟିକା ମନୋରମା ମହାନ୍ତିଙ୍କ ଭୁବନେଶ୍ୱର ସ୍ଥିତ ବାସ ଭବନକୁ ବାଚସ୍ପତିଙ୍କ ବିନା କ୍ଲିୟରେନ୍ସରେ ପୁଲିସ ଚଢ଼ଉ କରିବା ପ୍ରତିବାଦରେ କଳାହାଣ୍ଡି ଜିଲ୍ଲା ବିଜୁ ଯୁବ, ଛାତ୍ର ମହିଳା ଜନତା ଦଳ ତରଫରୁ ସ୍ଥାନୀୟ ଗାନ୍ଧୀ ଛକ ଠାରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ପୁଲିସ କେଉଁ ପରିସ୍ଥିତିରେ ବିଧାୟକଙ୍କ ଘରକୁ ବିନା କୌଣସି ମହିଳା ପୁଲିସ ଉପସ୍ଥିତିରେ ଓ ଅନୁମତିରେ ପ୍ରବେଶ କଲା ବୋଲି ବିଜେଡି ନେତାମାନେ ପ୍ରଶ୍ନ କରିଛନ୍ତି । ରାମନବମୀ ଉତ୍ସବ ବେଳେ ଟିଟିଲାଗଡ଼ ବିଧାୟକ ନବୀନ ଜୈନ ଫାଙ୍କା ଗୁଳି ଚାଳନା କରିବା ଘଟଣାରେ ଏଯାଏଁ ତାଙ୍କୁ ଗିରଫ କାହିଁକି କରାଯାଇନାହିଁ ବୋଲି ପାଲଟା ପ୍ରଶ୍ନ କରିଛନ୍ତି । ରାଜ୍ୟସଭା ନିର୍ବାଚନରେ ଶାସକ ଦଳର ସତଚେଷ୍ଟା ସତ୍ତ୍ୱେ ନର୍ଲା ବିଧାୟକ କ୍ରସ୍ ଭୋଟିଂ ନକରି ନବୀନ ବାବୁଙ୍କ ସହିତ ଛିଡ଼ା ହୋଇଥିଲେ । ଏପରିକି ବିଧାୟକଙ୍କ ସ୍ୱାମୀ ନର୍ଲା ବ୍ଲକ ଅଧ୍ୟକ୍ଷ ଦୁର୍ଗା ପ୍ରସାଦ ମହାନ୍ତି ଜାନୁଆରୀ ମାସରେ ଫୋନ୍ ମାଧ୍ୟମରେ ତହସିଲଦାରଙ୍କ ସହ କଥାବାର୍ତ୍ତା କରିଥିବା ବାବଦରେ କ'ଣ ପାଇଁ ରାଜ୍ୟସଭା ନିର୍ବାଚନର ଗୋଟିଏ ଦିନ ପୂର୍ବରୁ ଏତଲା ଦିଆଗଲା ବୋଲି ଯୁବ ବିଜେଡି ଅଭିଯୋଗ କରିଛି । ଆଗାମୀ ଦିନରେ ପୋଲିସ ପକ୍ଷରୁ ସ୍ପଷ୍ଟୀକରଣ ନଦେଲେ କଳାହାଣ୍ଡି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଫିସ ଘେରାଉ କରାଯିବ ବୋଲି ଯୁବ ବିଜେଡି ସଭାପତି ଅବିନାଶ ଠାକୁର କହିଛନ୍ତି । କାର୍ଯ୍ୟକ୍ରମରେ ବରିଷ୍ଠ ବିଜେଡି ନେତା ପ୍ରଦୀପ ମୁଣ୍ଡ, ସାଧାରଣ ସମ୍ପାଦକ ଧର୍ମେନ୍ଦ୍ର ନାଏକ, ପୂର୍ବତନ ନଗରପାଳ ଆଦିତ୍ୟ ନନ୍ଦ, ଜିଲ୍ଲା ମହିଳା ସଭାନେତ୍ରୀ ସବିତା ପ୍ରଧାନ, ଯୁବ ବିଜେଡି ସଭାପତି ଅବିନାଶ ଠାକୁର, ରାଜ୍ୟ ଯୁବ ବରିଷ୍ଠ ଉପସଭାପତି ମଣ୍ଟୁ ନାଏକ, ରାଜ୍ୟ ଯୁବ ବିଜେଡି ଉପସଭାପତି ମନିନ୍ଦ୍ର ମହାନ୍ତି, ସାମନ୍ତ ଖମାରୀ, ଯୁବ ନେତା କ୍ଷିରସିନ୍ଧୁ ନାଏକ, ଶିବା ସାହୁ, ନିଳାମ୍ବର ସାହୁ, ପ୍ରଦୀପ ପ୍ରଧାନ, ନଳୀନ ପଟ୍ଟନାୟକ, ଦିନେଶ ବଗର୍ତ୍ତି, ପ୍ରଦୀପ ସାହୁ, ଦେବେନ୍ଦ୍ର କୁମାର, ସିଲୁ ବିଶି ପ୍ରମୁଖ ଯୋଗଦେଇଥିଲେ ।



# ନୃପରାଜ ଯାଦବ ଜିଲ୍ଲା ଯାଦବ ମହାସଭାର ସଭାପତି

କେସିଙ୍ଗା, ୨୯ ।୩(ସମିସ): କଳାହାଣ୍ଡି ଜିଲ୍ଲା କେସିଙ୍ଗା ଏନ୍‌ଏସି ନଗରପାଳ ନୃପରାଜ ଯାଦବ ଦ୍ୱିତୀୟ ଥର ପାଇଁ କଳାହାଣ୍ଡି ଜିଲ୍ଲା ଯାଦବ ମହାସଭାର ସଭାପତି ଭାବରେ ନିର୍ବାଚିତ ହୋଇଛନ୍ତି । ଶନିବାର ଦିନ ନର୍ଲା ବ୍ଲକ ମାଣ୍ଡେଲସ୍ଥିତ ଯାଦବ ଭବନରେ ଅନୁଷ୍ଠିତ ନବମ ଯାଦବ ମହାସଭାର ଅଧିବେଶନ ପୂର୍ବରୁ କର୍ମକର୍ତ୍ତା ନିର୍ବାଚନ ଅନୁଷ୍ଠିତ ହୋଇଥିଲା । ଯାଦବ ସମାଜର ନିର୍ବାଚନ ଅଧିକାରୀ ପଙ୍କଜ ଗଉଡଙ୍କ ଘୋଷଣା ଅନୁଯାୟୀ ଜିଲ୍ଲା ସଭାପତି ଭାବରେ ନୃପରାଜ ଯାଦବ, ସାଧାରଣ ସମ୍ପାଦକ ଭାବରେ ତ୍ରିପୁରା ନାଏକ, ଉପ ସଭାପତି ଭାବରେ କମଳ ବାଗ, ଅଲେଖ ଚନ୍ଦ୍ର ଗୋପାଲ, ଜଗଦୀଶ ଯାଦବ ଓ ଯୁଧିଷ୍ଠିର ଗୌଡ଼ ନିର୍ବାଚିତ ହୋଇଥିବା ବେଳେ ଯୁଗ୍ମ ସମ୍ପାଦକ ଭାବରେ ଡମ୍ବରୁଧର ଖର୍ସେଲ, ପୂର୍ଣ୍ଣଚନ୍ଦ୍ର ଗଉଡ, ବିଶ୍ୱରଞ୍ଜନ ଧଙ୍ଗଡ଼ାମାଝି ନିର୍ବାଚିତ ହୋଇଛନ୍ତି ସେହିପରି କୋଷାଧ୍ୟକ୍ଷ ଭାବରେ ଅର୍ଜୁନ ଭାଟି ନିର୍ବାଚିତ ହୋଇଛନ୍ତି । ପ୍ରକାଶ ଥାଉକି ସଭାପତି ହୋଇଥିବା ନୃପରାଜ ଯାଦବ ଦ୍ୱିତୀୟ ଥର ସଭାପତି ପଦଭାର ଗ୍ରହଣ କରିବେ । ଶ୍ରୀ ଯାଦବ କେସିଙ୍ଗା ନଗରପାଳ ଥିବା ସାଙ୍ଗକୁ କେସିଙ୍ଗା ବିଜେଡି ଟାଉନ ସଭାପତି ମଧ୍ୟ ରହିଛନ୍ତି ।

● ଖଡିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟ

# ଆଲୋଚନାଚକ୍ର ଓ ବିଦାୟ ସମ୍ବର୍ଦ୍ଧନା ସଭା

ଖଡିଆଳ, ୨୯ ।୩(ସମିସ):ରାଜନୀତି ବିଜ୍ଞାନ ବିଭାଗୀୟ ବିଦାୟ ସମ୍ବର୍ଦ୍ଧନା ସହ 'ସାମ୍ପ୍ରତିକ ସମୟର ରାଜନୈତିକ ଜୀବନ' ଭିତ୍ତିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ସମାଜ ତଥା ଛାତ୍ରଙ୍କ ଭବିଷ୍ୟତ କାର୍ଯ୍ୟପନ୍ଥା ଦିଗରେ ରାଜନୀତିର ଭୂମିକା ସମ୍ପର୍କରେ ଆଲୋଚନା ହୋଇଥିଲା । ମଞ୍ଚରେ ଯୁକ୍ତଦୁଇ ଅଧ୍ୟକ୍ଷ ଡ଼. ରଣବୀର ସିଂହ, ଛାତ୍ର କଲ୍ୟାଣ ଅଧିକାରିଣୀ ଅଧ୍ୟାପିକା ଡ଼.ଗୀତାଶ୍ରୀ ପ୍ରିୟମ୍ବଦା, ବିଭାଗୀୟ ମୁଖ୍ୟ ତଥା ପରୀକ୍ଷା ନିୟନ୍ତ୍ରକ ଅଧ୍ୟାପକ ସୁନୀଲ କୁମାର ପାଢ଼ୀ, ଅଧ୍ୟାପିକା ବିୟୁଟି ଅଗ୍ରୱାଲ, ଅଧ୍ୟାପିକା ଅର୍ପିତା ମଞ୍ଜରୀ ପଣ୍ଡା, ଅଧ୍ୟାପକ ଜଳନ୍ଧର ଦୁରିଆ ପ୍ରମୁଖ ବିଷୟବସ୍ତୁ ସମ୍ପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ । ଅଧ୍ୟକ୍ଷ ଶ୍ରୀ ପଣ୍ଡା ଏବଂ ସମସ୍ତ ଅଧ୍ୟାପକ, ଅଧ୍ୟାପିକା ସ୍ନାତକୋତ୍ତର ଶେଷ ବର୍ଷୀୟ ଛାତ୍ରଛାତ୍ରୀଙ୍କୁ ବିଦାୟ ସମ୍ବର୍ଦ୍ଧନା ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜଳ ଭବିଷ୍ୟତ କାମନା କରିଥିଲେ । ସ୍ନାତକୋତ୍ତର ଦ୍ୱିତୀୟ ବର୍ଷର ଛାତ୍ର ସ୍ୱପ୍ନ ସୁନ୍ଦର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ମାଳତୀ ନଏକଙ୍କ ପରଲୋକ

ଜୁନାଗଡ଼, ୨୯ ।୩(ସମିସ): ଜୁନାଗଡ଼ର ବରିଷ୍ଠ ସମାଜସେବୀ ତଥା ଆଇନଜୀବୀ ଦୁର୍ଗାପ୍ରସାଦ ନାଏକଙ୍କ ମାତା ମାଳତୀ ନଏକ(୯୨)ଙ୍କ ଭବାନୀପାଟଣାସ୍ଥିତ ଏକ ଘରୋଇ ହସ୍ପିଟାଲରେ ଶୁକ୍ରବାର ପରଲୋକ ହୋଇଯାଇଛି । ସ୍ଥାନୀୟ ହାତୀନଦୀ ସ୍ୱର୍ଗ ଦ୍ୱାରାରେ ତାଙ୍କର ଦାହସଂସ୍କାର ସମ୍ପନ୍ନ ହୋଇଥିଲା । ପୁଅ ଭବାନୀ ଶଙ୍କର ନାଏକ ଓ ଦୁର୍ଗାପ୍ରସାଦ ନାଏକ ମୁଖାଗ୍ନି ଦେଇଥିଲେ । ନାତି ସନ୍ତୋଷ, ଧିରାଜ, ଲୋକେଶ, ମହାବୀର ଓ ଜ୍ୱାଇଁ ଓ ଆତ୍ମୀୟଙ୍କ ଉପସ୍ଥିତିରେ ଶବ ସତ୍କାର କାର୍ଯ୍ୟ ସମ୍ପନ୍ନ ହୋଇଥିଲା । ଶବାଧାରରେ ପୂର୍ବତନ କାର୍ଯ୍ୟନିର୍ବାହୀ ଅଧିକାରୀ ଈଶ୍ୱର ପୁଝାରୀ, ଭୈରବ ନାଏକ, ପର୍ଶୁରାମ ନାଏକ, ପ୍ରକାଶ ନାଏକ, ଓକିଲ ସଂଘ ସଭାପତି ହିମାଂଶୁ ବରାଡ଼, ବହୁଜନ ସଂଗ୍ରାମ ସମିତି ସଭାପତି ରଞ୍ଜନ କୁମାର ଜାଲ, ବରିଷ୍ଠ ବିଜେପି ନେତା ଭାବସିନ୍ଧୁ ମଙ୍ଗରାଜ, ପୂର୍ବତନ ନଗରପାଳ ସୁଧାଂଶୁ ଶେଖର ବରାଡ଼, ସମେତ ଅନେକ ଗଣ୍ୟମାନ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ ।



# ମାଁ ଠାକୁରାଣୀଙ୍କ ଚୈତ୍ର ଘଣ୍ଟଯାତ୍ର ସମ୍ପନ୍ନ

ଲାଞ୍ଜିଗଡ଼, ୨୯ ।୩(ସମିସ): ଲାଞ୍ଜିଗଡ଼ ବ୍ଲକ ଲାଞ୍ଜିଗଡ଼ର ମାଁ ଠାକରାଣୀଙ୍କ ଚୈତ୍ର ଘଣ୍ଟଯାତ୍ରା ସମ୍ପନ୍ନ ହେଇଯାଇଛି । ଲାଞ୍ଜିଗଡ଼ ଇଷ୍ଟଦେବୀ ମାଁ ଠାକୁରାଣୀ ଗତ ୯ ଦିନ ଧରି ଦ୍ୱାର ଦ୍ୱାର ବୁଲି ଭକ୍ତଙ୍କୁ ଦର୍ଶନ ଦେଲା ପରେ ରବିବାର ସକାଳେ ନିଜ ଆସ୍ଥାନ ବିରାଜମାନ କରିଛନ୍ତି । ପୂଜକ ଭକ୍ତଙ୍କ ପିଠିରେ ମାଁଙ୍କୁ ଆସ୍ଥାନକୁ ନେଇଥିଲେ । ମାଁ ଠାକୁରାଣୀଙ୍କ ଘଣ୍ଟଯାତ୍ର ଦ୍ୱିତୀୟଓ ତିଥିରୁ ଆରମ୍ଭ ହୋଇଥିବା ବେଳେ ଲାଞ୍ଜିଗଡ଼ ରାଜଉଆସରୁ ମାଁଙ୍କ ଘଣ୍ଟକୁ ଶୃଙ୍ଗାର କରି ଗାଁ ମଝିରେ ଥିବା ମନ୍ଦିରକୁ ଅଣାଯାଇ ପୂଜାର୍ଚ୍ଚନା କରି ପୂଜକମାନେ ଆହ୍ୱାନ କରିଥିଲେ । ଜମ୍ବେଶ୍ୱର ପୂଜାରୀ ମାଁଙ୍କ ଘଣ୍ଟକୁ ମୁଣ୍ଡରେ ବହନ କରିଥିବା ବେଳେ ମାଁଙ୍କ ମୁଖ୍ୟପୂଜକ ଅଭିମନ୍ୟୁ ପାତ୍ର ମାଁଙ୍କ ପୂଜାର୍ଚ୍ଚନା ସହିତ ଘଣ୍ଟ ସାଙ୍ଗରେ ଅଞ୍ଚଳର ବିଭିନ୍ନ ଗାଁ ପରିକ୍ରମା କରି ଭକ୍ତମାନେ ମାଁଙ୍କୁ ଦର୍ଶନ କରିଥିଲେ । ଦୀର୍ଘ ୮ ଦିନ ବିଭିନ୍ନ ଗାଁକୁ ଯାଇ ଭକ୍ତ ଙ୍କ ଘରେ ପୂଜା ପାଇବା ପରେ ନବମ ଦିନ ନିଜ ମନ୍ଦିରରେ ଗୋଟିଏ ଦିନ ପାଇଁ ବିଶ୍ରାମ ନେଇଥିଲେ । ପୁଣି ସେହିଦିନ ସନ୍ଧ୍ୟାରେ ଲାଞ୍ଜିଗଡ଼ ରାଜାଙ୍କ ଘରକୁ ଯାଇ ପୂଜା ପାଇବା ପରେ ନବମ ଦିବସ ରାତିସାରା ଲାଞ୍ଜିଗଡ଼ ସହରର ସମସ୍ତ ଘରକୁ ଯାଇ ଝୁଣା, ପଣାପାଣି, ଗଜାମୁଆ ଇତ୍ୟାଦି ଭୋଗ ଗ୍ରହଣ କରିଥିଲେ । ରବିବାର ଉଦ୍‌ଯାପନି ଦିବସରେ ମାଁଙ୍କ ସେବକ ପୂଜାରୀ ପଡ଼ାରୁ ବିରାଟ ଆଡ଼ୁଆଳରେ ମାଁଙ୍କୁ ମନ୍ଦିରକୁ ଆଣିଥିଲେ । ଗ୍ରାମର ପ୍ରତ୍ୟେକ ପଡ଼ାବାସୀ ନିଜ ଦ୍ୱାର ସାମ୍ନାରେ ଚିତା ଆଙ୍କି ଘଣ୍ଟ, ଘଣ୍ଟା, ଶଙ୍ଖ, ଖୋଳତାଳ ବାଦ୍ୟରେ ମାଁଙ୍କୁ ସ୍ୱାଗତ କରି ଭୋଗ ଅର୍ପଣ କରିଥିଲେ । ମାନସିକଧାରୀ ବୋଦା, କୁକୁଡ଼ା, ପାରା ବଳି ମଧ ଦେଇଥିବାର ଦେଖିବାକୁ ମିଳିଥିଲା । ମାଁ ଠାକୁରାଣୀ ପରେ ନିଜ ଆସ୍ଥାନକୁ ଆସିବା ସମୟରେ ଭକ୍ତ ମାନଙ୍କ ପିଠିରେ ଚଢି ନିଜ ଆସ୍ଥାନରେ ବିରାଜମାନ କରିଥିଲେ । ମନ୍ଦିରକୁ ଆସିବା ପରେ ଗ୍ରାମର ସମସ୍ତଙ୍କ ଘରୁ ଶସ୍ୟ ସଂଗ୍ରହ କରାଯାଇଥିଲା । ସେହି ଶସ୍ୟଙ୍କୁ ମାଁଙ୍କ ଘରେ ପୂଜାର୍ଚ୍ଚନା କଲା ପରେ ଭକ୍ତ ମାନଙ୍କ ମଧ୍ୟରେ ବାଣ୍ଟି ଦିଆଯାଇଥିଲା । ସେହି ଶସ୍ୟକୁ ରଖି ଅକ୍ଷୟ ତୃତୀୟାରେ ବାହାର କରି ଜମିରେ ଦେଲେ ଭଲ ଅମଳ ହୁଏ ବୋଲି ମଧ ବିଶ୍ୱାସ ରହିଛି । ମାଁ ଠାକୁରାଣୀଙ୍କ ୯ ଦିନ ଧରି ଏହି ଘଣ୍ଟଯାତ୍ର ମହା ଆଡମ୍ବର ସହିତ ପାଳନ ହୋଇଥିବା ବେଳେ ମନ୍ଦିରକୁ ଆଲୋକମାଳାରେ ସୁସଜିତ କରାଯାଇଥିଲା । ଭକ୍ତଙ୍କ ମନରଞ୍ଜନ ପାଇଁ ପ୍ରତିଦିନ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।



ଉଦନ୍ତୀ ମହୋତ୍ସବ

# ଢୋଲ, ନିଶାନ ବାଦ୍ୟରେ ଦୁଲୁକିଲା ମଞ୍ଚ





ସିନାପାଲି, ୨୯ ।୩(ସମିସ): ନୂଆପଡ଼ା ଜିଲ୍ଲା ସିନାପାଲି ଅଞ୍ଚଳର ଲୋକ କଳା, ସାହିତ୍ୟ, ସଂସ୍କୃତି ଓ ପରମ୍ପରା ର ଅନନ୍ୟ ସମାବେଶକୁ ଉଜ୍ଜୀବିତ କରିବା ପାଇଁ ସିନାପାଲିରେ ଚାଲିଥିବା ଉଦନ୍ତୀ ମହୋତ୍ସବ ଦ୍ୱିତୀୟ ସନ୍ଧ୍ୟା ରେ କଳାକାରଙ୍କ ମହା ସଙ୍ଗମ ଦେଖିବାକୁ ମିଳିଥିବା ବେଳେ ଢୋଲ, ନିଶାନ, ତାସା, ମହୁରୀ ରେ ଉଦନ୍ତୀ ମଞ୍ଚ ଦୁଲୁକି ଉଠିଥିଲା । ସାଂସ୍କୃତିକ ସଭାରେ ଅଞ୍ଚଳର ଲୋକକଳାକୁ ଉଜ୍ଜୀବିତ ରଖିବା ସାଙ୍ଗକୁ ଅଞ୍ଚଳର ଯେଉଁ ସମସ୍ୟା ରହିଛି ତାହାର ସମାଧାନ କରିବାର ପ୍ରୟାସ ଜାରି ରହିବ ବୋଲି ଅତିଥିମାନେ ଅଭିବ୍ୟକ୍ତ ପ୍ରକାଶ କରିଥିଲେ । ଦ୍ୱିତୀୟ ସାଂସ୍କୃତିକ ସଭାରେ ମହୋତ୍ସବ କମିଟିର ସଭାପତି ପ୍ରିୟରଞ୍ଜନ ମେହେରଙ୍କ ସଭାପତିତ୍ୱ ରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବରେ କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ ଯୋଗଦାନ କରିଥିବା ବେଳେ ସମ୍ମାନିତ ଅତିଥି ଭାବରେ ନୂଆପଡ଼ା ବିଧାୟକ ଜୟ ଢୋଲକିଆ, ସିନାପାଲି ବ୍ଲକ ଅଧ୍ୟକ୍ଷା ମାଧୁରୀ ମାଝି, ଖଡିଆଳର ପୂର୍ବତନ ବିଧାୟକ ହିତେଶ ବଗର୍ତ୍ତି ଯୋଗଦାନ କରିଥିଲେ । ରୁପେଶ ଚନ୍ଦ୍ର ମେହେର ଅତିଥିଙ୍କୁ ପରିଚୟ ପୂର୍ବକ ମଞ୍ଚକୁ ଆମନ୍ତ୍ରଣ କରିଥିବା ବେଳେ ସିନାପାଲି ଶ୍ରୀସତ୍ୟସାଇ ସଂଗଠନ ଦ୍ୱାରା ଦେବ ପୂଜନ ଓ ବେଦ ପଠନ ପରେ ଇମ୍ପେରିଆଲ ପବ୍ଲିକ ସ୍କୁଲ ଖଡିଆଳ ଦ୍ୱାରା ପ୍ରାରମ୍ଭିକ ସଙ୍ଗୀତ ଗାନ କରଯାଇଥିଲା । ମହୋତ୍ସବ କମିଟିର ସହ ସମ୍ପାଦକ ଜିତେନ୍ଦ୍ରିୟ ମେହେର ବୀବରଣୀ ପଠନ କରିଥିବା ବେଳେ ଶିବ ପ୍ରାସାଦ ମେହେର ପୁରସ୍କାର ବିତରଣ ଓ ସ୍ମୃତି ସ୍ମାରକୀ ପ୍ରଦାନ କରିଥିଲେ । ଶେଷରେ ରଶ୍ମିରଞ୍ଜନ ସା ଧନ୍ୟବାଦ ଅର୍ପଣ କରିଥିଲେ । ପରେ ସାଂସ୍କୃତିକ କାର୍ଯ୍ୟକ୍ରମର୍ ଦର୍ଶକ ବିଭୋର ହୋଇ ଉଠିଥିଲେ । ସାଂସ୍କୃତିକ କାର୍ଯ୍ୟକ୍ରମରେ ବଲାଙ୍ଗୀର ଜିଲ୍ଲା ତୁଷୁରାର କୃଷ୍ଣପ୍ରିୟା ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ଢେମସା ନୃତ୍ୟ, ବଲାଙ୍ଗିରର ଗଣାବାଜା ଲୋକ ନୃତ୍ୟ, ଖଡିଆଳ ଜୟମାତାଦିର ସୁନାଦେଈ ଯାତ୍ରା, ଭବାନୀପାଟଣା ନଟରାଜ ସାଂସ୍କୃତିକ ଅନୁଷ୍ଠାନର ଲୋକ ନୃତ୍ୟ ପରିବେଷଣ ପରେ ଓଡ଼ିଆ ସିନେ ତାରକା ପ୍ରିୟଙ୍କା ସାହୁ ଓ ଅଙ୍କିତା ସାହୁଙ୍କ ସାଂସ୍କୃତିକ କାର୍ଯ୍ୟକ୍ରମ ରେ ଦର୍ଶକ ମତୁଆଲା ହୋଇଥିଲେ ।

# ସିଲେଟପଡ଼ା ରାସ୍ତା ମରଣଯନ୍ତା

## ଆନ୍ଦୋଳନ ପାଇଁ ଅଞ୍ଚଳବାସୀ ସଜବାଜ

ଭବାନୀପାଟଣା, ୨୯ ।୩(ସମିସ)

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ଜୋରାଡବରା ପଞ୍ଚାୟତ ସିଲେଟପଡ଼ା ଠାରୁ କୁସୁର୍ଲା ହରଗୋରି ମନ୍ଦିର ଛକ ୫୯ ଜାତୀୟ ରାଜପଥ ଏନ୍‌ଏଚକୁ ସଂଯୋଗ କରୁଥିବା ସିଲେଟପଡ଼ା ରାସ୍ତା ମରଣଯନ୍ତା ପାଲଟିଛି । ପଞ୍ଚାୟତ, ବ୍ଲକ, ଜିଲ୍ଲା ପ୍ରଶାସନକୁ ଲିଖିତ ଭାବରେ ବାରମ୍ବାର ଜଣାଇଥିଲେ ମଧ ଆଜି ପର୍ଯ୍ୟନ୍ତ କୌଣସି କାର୍ଯ୍ୟ ହେଉନାହିଁ । ଯାହାଫଳରେ ଆସନ୍ତା ୮ତାରିଖ ସକାଳେ ଜାତୀୟ ରାଜପଥ କୁସୁର୍ଲା ୫୯ରେ ଧାରଣାରେ ବସିବୁ ବୋଲି ଅଞ୍ଚଳବାସୀ ନିଷ୍ପତ୍ତି ନେଇଛନ୍ତି । ଆର୍‌ଡି ବିଭାଗ ମୁଖ୍ୟ ନିର୍ବାହୀ ଯନ୍ତ୍ରୀ କରଲାମୁଣ୍ଡା ବିଡ଼ିଓ ଓ ତହସିଲଦାର ମ ରାମପୁର ଥାନା ଅଧିକାରୀଙ୍କୁ ଲିଖିତ ଭାବରେ ଅବଗତ କରିଛନ୍ତି । ୨୦୧୫ ମସିହାରେ ପିଚୁ ରାସ୍ତା ନିର୍ମାଣ ହୋଇଥିଲେ ମଧ ବର୍ତ୍ତମାନ ସୁଦ୍ଧା ମରାମତି କାର୍ଯ୍ୟ କିମ୍ବା ନୂତନ କାର୍ଯ୍ୟ ହୋଇପାରି ନଥିବାରୁ ତିନି ବର୍ଷ ଧରି ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ଗତି କରୁଛି । ବର୍ଷା ଦିନରେ ରାସ୍ତା ଅବସ୍ଥା ସମ୍ପୂର୍ଣ୍ଣ ବେହାଲ ହୋଇପଡୁଛି । ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ ଏବଂ ଅଞ୍ଚଳର ଗାଁ ଲୋକେ ପ୍ରତି ଦିନ ଦୁର୍ଘଟଣା ଶିକାର ହେଉଥିବା ସାମାଜିକ କର୍ମୀ ଚୈତନ୍ୟ ସାହୁ, ଦ୍ରୋଣ ସାହୁ, ଜିଲ୍ଲାପାଳ ଓ ବିଡ଼ିଓଙ୍କୁ ବାରମ୍ବାର ଲିଖିତ ଭାବରେ ଜଣାଇଥିଲେ ମଧ୍ୟ କାମ ହେଉନାହିଁ । ଗତ ଫେବୃଆରୀ ମାସରେ କାମ ଆରମ୍ଭ କରାଯିବ ବୋଲି ଜେଇ କହିଥିଲେ ମଧ ଆଜି ପର୍ଯ୍ୟନ୍ତ ହୋଇ ନାହିଁ । ଯାହାକୁ ନେଇ ଅଞ୍ଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି ।



● ହାଇୱା ଧକ୍କାରେ ଫେରିବାଲାଙ୍କ ମୃତ୍ୟୁ

# କ୍ଷତିପୂରଣ ଦାବିରେ ରାସ୍ତା ଅବରୋଧ

ଧର୍ମଗଡ଼, ୨୯ ।୩(ସମିସ): ଧର୍ମଗଡ଼ ସହରସ୍ଥିତ ଠିପିଖୋଲା ବିଦେଶୀ ମଦଦୋକାନ ନିକଟରେ ହାଇୱା ଧକ୍କାରେ ଜଣେ ଫେରିବାଲା ବାଇକ୍ ଆରୋହୀଙ୍କ ମୃତ୍ୟୁ ହୋଇଛି । ମୃତ ବାଇକ୍ ଆରୋହୀ ମଧ୍ୟପ୍ରଦେଶ ରାଜ୍ୟ ରତନଗଡ଼ ଥାନା ଡିକେନ ଗାଁର ରାହୁଲ ମେଘୱାଲ । ରବିବାର ଭୋର ୫ ଟାରେ ନିଜ ଏମପି ୪୪ ଏମଏଚ୦୯୧୮ ନମ୍ବର ବିଶିଷ୍ଟ ବାଇକ୍ ଯୋଗେ ତାଙ୍କ ରହୁଥିବା ସ୍ଥାନରୁ ବ୍ୟବସାୟ ପାଇଁ ବାହାରିଥିବା ବେଳେ ଓଡି୦୮ ଜେ-୦୭୧୨ନମ୍ବର ବିଶିଷ୍ଟ ବାଲି ବୋଝେଇ ହାଇୱା ଧକ୍କା ଦେବା ସହ ବାଇକ୍ ସହ ତାଙ୍କ ପ୍ରାୟ ୨ଶହ ମିଟର ପର୍ଯ୍ୟନ୍ତ ଘୋଷାଡି ନେଇଥିଲା । ଘଟଣାସ୍ଥଳରେ ହିଁ ତାଙ୍କର ମୃତ୍ୟୁ ଘଟିଥିଲା । ସେ ଦୀର୍ଘ ଦିନ ଧରି ଧର୍ମଗଡ଼ ସହରରେ ପରିବାର ସହ ରହି ଆସୁଥିଲେ । ତାଙ୍କର ମୃତ୍ୟୁ ପରେ ଘଟଣାସ୍ଥଳରେ ଉତ୍ତେଜନା ଦେଖାଯାଇଥିଲା । ପରିବାର ଓ ସ୍ଥାନୀୟ ଲୋକ କ୍ଷତିପୂରଣ ଦାବି ନେଇ ବୋଡେନ-ଧର୍ମଗଡ଼ ରାସ୍ତା ଅବରୋଧ କରି ଆନ୍ଦୋଳନ କରିଥିଲେ । ଧର୍ମଗଡ଼ ତହସିଲଦାର ଓ ଧର୍ମଗଡ଼ ଥାନା ପୁଲିସ ପହଞ୍ଚି ଲୋକଙ୍କୁ ବୁଝାମଣା କରିଥିଲେ । ଶେଷରେ ଗାଡି ମାଲିକ କ୍ଷତିପୂରଣ ବାବଦକୁ ଅର୍ଥ ରାଶି ପ୍ରଦାନ କରିବା ପରେ ଅବରୋଧ ହଟିଥିଲା । ଧର୍ମଗଡ଼ ପୁଲିସ ମାମଲା ରୁଜୁ କରି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଡାକ୍ତରଖାନା ପଠାଇଛି । ବ୍ୟବଚ୍ଛେଦ ପରେ ପରିବାର ବର୍ଗଙ୍କୁ ମୃତଦେହ ହସ୍ତାନ୍ତର କରିଛି ।



# ନୂତନ ବସ୍‌ଷ୍ଟାଣ୍ଡକୁ ନେଇ ବିବାଦ

**ବ୍ରଜରାଜନଗର, ୨୯।୩(ସମିସ)**

ବ୍ରଜରାଜନଗର ସହରରେ ନିର୍ମାଣ ହେବାକୁ ଯାଉଥିବା ନୂତନ ବସ୍‌ଷ୍ଟାଣ୍ଡକୁ ନେଇ ବିବାଦ ଦିନକୁ ଦିନ ବଢ଼ିବାରେ ଲାଗିଛି। ଚଳିତ ମାସ ୨୨ ତାରିଖରେ ପୌରାଞ୍ଚଳର ୨୨/୨୩ ନମ୍ବର ୱାର୍ଡର ଲୋକମାନଙ୍କ ସହିତ ଦୁଇ କାଉନସିଲର ଗାନ୍ଧୀ ଛକ ଠାରେ ବସଷ୍ଟାଣ୍ଡ କରିବା ପାଇଁ ଲିଖିତ ଭାବେ ନିର୍ବାହୀ ଅଧିକାରୀଙ୍କୁ ଜଣାଇଛନ୍ତି। ତା ସହିତ ଏହାର କପି ଜିଲ୍ଲାପାଳ, ମନ୍ତ୍ରୀ ସୁରେଶ ପୂଜାରୀ ଓ ସାଂସଦ ପ୍ରଦୀପ ପୁରୋହିତଙ୍କୁ ଦେଇଛନ୍ତି। ଗାନ୍ଧୀ ଛକରେ ସଦାସର୍ବଦା ଯାତ୍ରୀ ମାନଙ୍କର ଭିଡ଼ ରହୁଛି। ଏହି ଛକ ଏନଏଚ ୪୯ରେ ଅବସ୍ଥିତ। ଏହାର ପୂର୍ବରେ ଝାରସୁଗୁଡ଼ା, ପଶ୍ଚିମରେ ବେଲପାହାଡ, ଦକ୍ଷିଣରେ ଦରଲିପାଲି ଏନ୍ଟି ପିସି ଓ ଉତ୍ତରରେ ବ୍ରଜରାଜନଗର ସହର ଅବସ୍ଥିତ। ଯାତ୍ରୀମାନଙ୍କ ସୁବିଧା ପାଇଁ ଗାନ୍ଧୀଛକ ଠାରେ ବସଷ୍ଟାଣ୍ଡ ନିର୍ମାଣ କଲେ ଜନସାଧାରଣଙ୍କ ପାଇଁ ସୁବିଧାଜନକ ହେବ ବୋଲି ଦାବିପତ୍ରରେ ଦର୍ଶାଯାଇଛି। ସେପଟେ ଗାନ୍ଧୀ ଛକରେ ବସଷ୍ଟାଣ୍ଡ ନିର୍ମାଣକୁ ନେଇ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଛି। ସହରବାସୀ ଗାନ୍ଧୀଛକ ଠାରେ ବସଷ୍ଟାଣ୍ଡ ନିର୍ମାଣକୁ ବିରୋଧ କରିଛନ୍ତି। ବସଷ୍ଟାଣ୍ଡ ପୂର୍ବ ନିର୍ଦ୍ଧାରିତ ସ୍ଥାନ ମଙ୍ଗଳା ମନ୍ଦିର ନିକଟରେ କିମ୍ବା ଗୋଲ ଛକ ଠାରେ କରାଯାଉ ବୋଲି ପ୍ରକାଶ କରିଛନ୍ତି। ସହରବାସୀଙ୍କ ଅନୁଯାୟୀ, ପୂର୍ବରୁ ବସଷ୍ଟାଣ୍ଡ ମୁଖ୍ୟ ବଜାରରେ ରହିଥିବାରୁ ବସ୍‌ରୁ ଓହ୍ଲାଇବା ପରେ ଯାତ୍ରୀମାନଙ୍କୁ ଯିବା ଆସିବା ସୁବିଧା ହେଉଥିଲା। କିନ୍ତୁ ଗାନ୍ଧୀ ଛକ ଠାରୁ ସହରର ଦୂରତା ୪ କିମିରୁ ଊର୍ଦ୍ଧ୍ୱ। ଗାନ୍ଧୀ ଛକରେ ବସଷ୍ଟାଣ୍ଡ ହେଲେ ସେଠାରୁ ଅଟୋଭଡ଼ା କେବଳ ୩ରୁ ୪ ଶହ ଦେବାକୁ ହେବ। ଯାତ୍ରୀ ମାନଙ୍କୁ ସୁବିଧା ପରିବର୍ତ୍ତେ ଅସୁବିଧା ହେବା ସହ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିବ। ତେଣୁ ବସଷ୍ଟାଣ୍ଡ ବ୍ରଜରାଜନଗର ସହର ପାଖାପାଖି କରିବାକୁ ଲୋକେ ଦାବି କରିଛନ୍ତି। ତେବେ ଘଟଣା ସମ୍ପର୍କରେ ନିର୍ବାହୀ ଅଧିକାରୀ ଚନ୍ଦ୍ରମଣି ସ୍ୱାଇଁଙ୍କୁ ପଚାରିବାକୁ ଚେଷ୍ଟା ହୋଇଥିଲେ ମଧ ସେ ଫୋନ ଉଠାଇ ନଥିଲେ। ନିର୍ବାହୀ ଅଧିକାରୀଙ୍କ ନାମରେ ପୁଲିସରେ ଅଭିଯୋଗ ହେବା ପରଠାରୁ ସେ କୌଣସି ଉତ୍ତର ଦେଉନାହାନ୍ତି।

**ଗାନ୍ଧୀଛକରେ ବସ୍‌ଷ୍ଟାଣ୍ଡ ନିର୍ମାଣ ପାଇଁ ଦାବିପତ୍ର**

# କବିଗୌରବ ସମ୍ମାନ ପାଇବେ ସାହିତ୍ୟିକ କୀର୍ତ୍ତି ବହିଦାର



**କୋଲାବିରା, ୨୯।୩(ସମିସ):** ସାହିତ୍ୟିକ ଓ ସଂଗଠକ ଡ.କୀର୍ତ୍ତି ଚନ୍ଦ୍ର ବହିଦାରଙ୍କୁ ଚଳିତ ବର୍ଷର ମର୍ଯ୍ୟାଦାଜନକ କବିଗୌରବ ସମ୍ମାନରେ ସମ୍ମାନିତ କରାଯିବ ବୋଲି ତେଲିଙ୍ଗିବାଜା ପତ୍ରିକାର ପ୍ରତିଭା ଚୟନ କମିଟି ବୈଠକରେ ସର୍ବସମ୍ମତି କ୍ରମେ ନିଷ୍ପତ୍ତି ଗ୍ରହଣ କରାଯାଇଛି। ବେଦବ୍ୟାସ ସ୍ଥିତ ଗୁରୁକୁଳ ବୈଦିକ ଆଶ୍ରମ ପରିସରରେ ଶିକ୍ଷାବିତ୍ ଓ ସାହିତ୍ୟିକ ଡ.ସରୋଜିନୀ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ତେଲିଙ୍ଗିବାଜା ପତ୍ରିକାର ସମ୍ପାଦକ ପ୍ରଫୁଲ୍ଲ ଚନ୍ଦ୍ର ବାରିକ ସ୍ୱାଗତ ଭାଷଣ ସହିତ କାର୍ଯ୍ୟକ୍ରମର ରୂପରେଖ ସମ୍ପର୍କରେ ଅବଗତ କରାଇଥିଲେ। ଶିଶୁ ସାହିତ୍ୟିକ ଓ ବାନର ସେନା ସମ୍ପାଦକ ପ୍ରକାଶ ଚନ୍ଦ୍ର ଖଟାଇ, ପାଠାଗାର ଆନ୍ଦୋଳନର ଅନ୍ୟତମ ପୁରୋଧା ବିଭୂତି ଭୂଷଣ ସ୍ୱାଇଁ, ଶିଶୁ ସୃଷ୍ଟି ସାହିତ୍ୟ ସଂସ୍କୃତି ପରିଷଦର ସମ୍ପାଦକ ଅମୂଲ୍ୟ ବାରିକ, ବିଜ୍ଞାନ ଲେଖକ ଧର୍ମରାଜ ପ୍ରଧାନ, ଗୀତିକବି ତାରିଣୀ ଚରଣ ସାହୁ, କବି ଅଶୋକ ପାତ୍ର, ଗାଳ୍ପିକ ନିକୁଞ୍ଜ ବିହାରୀ ଦାଶ, ସାମାଜିକକର୍ମୀ ସୁବାସ ଚନ୍ଦ୍ର ସାହୁ, ସାହିତ୍ୟ ସଙ୍ଗଠକ ଡ.କୀର୍ତ୍ତି ଚନ୍ଦ୍ର ବହିଦାର, କବି ସୌରଭ ରମେଶ ଚନ୍ଦ୍ର ଆଚାର୍ଯ୍ୟ, କୁଞ୍ଜ ବିହାରୀ ସାହୁ ଏବଂ ସାହିତ୍ୟିକ ତୀର୍ଥବାସୀ ପଟେଲ ପ୍ରମୁଖଙ୍କୁ ପ୍ରତିଭା ଚୟନ ପ୍ରକ୍ରିୟାରେ ସମ୍ବର୍ଦ୍ଧିତ କରାଯିବ। ଆସନ୍ତା ୨୯ରେ ରାଜ୍ୟସ୍ତରୀୟ ସମ୍ମାନ ସମାରୋହରେ ପ୍ରତିଭା ମାନଙ୍କୁ ସମ୍ମାନିତ କରାଯିବ। ବୈଠକରେ ଡ.ନିଶିକାନ୍ତ ମିଶ୍ର, ପ୍ରକାଶ ଚନ୍ଦ୍ର ସେଠୀ, ଶ୍ୱେତ ବେହେରା, ଉପେନ୍ଦ୍ର ବସ୍ତିଆ, ସଂଗ୍ରାମ କିଶୋର ଭୂୟାଁ, ବିଜୟ ମିଶ୍ର, ହରପ୍ରିୟା ସାମଲ, ଶ୍ରୋତାଲିନା ଶତପଥୀ, ମୀରା ମଲ୍ଲିକ, ସୁଚିସ୍ମିତା ପଣ୍ଡା, ଆରତୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଜିଲ୍ଲା ପୁଲିସ ପକ୍ଷରୁ ରକ୍ତଦାନ ଶିବିର

## ୪୧ ୟୁନିଟ୍ ରକ୍ତ ସଂଗ୍ରହ



**ଦେବଗଡ଼, ୨୯।୩ (ସମିସ):** ଦେବଗଡ଼ ରକ୍ତଭଣ୍ଡାରରେ ରକ୍ତର ଆବଶ୍ୟକତାକୁ ପୂରଣ କରିବା ଲକ୍ଷ୍ୟରେ ଜିଲ୍ଲା ପୁଲିସ ପକ୍ଷରୁ ବିଭିନ୍ନ ଥାନା, ପୁଲିସ ଫାଣ୍ଡି ଏବଂ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ରକ୍ତଦାନ ଶିବିରର ଆୟୋଜନ କରାଯାଇଛି। ଆୟୋଜିତ ୮ଟି ଶିବିରରେ ସମୁଦାୟ ୩୩୮ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ଜଣାପଡ଼ିଛି। ଏହି କ୍ରମରେ ଆଜି ଦେବଗଡ଼ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଉଦ୍‌ଯାପନୀ ଶିବିରରେ ମୋଟ ୪୧ ୟୁନିଟ ରକ୍ତ ସଂଗ୍ରହ କରାଯାଇଥିଲା। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅନୀଲ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିବିରର ଶୁଭାରମ୍ଭ କରିଥିଲେ। ଅତିରିକ୍ତ ଆରକ୍ଷୀ ଅଧୀକ୍ଷକ ଧିରଜ ଚୋପଦାର ପ୍ରଥମେ ରକ୍ତଦାନ କରିଥିଲେ। ଡିଆଇବି ଡିଏସପି ପବିତ୍ର କିଷାନ ରକ୍ତଦାନ ଶିବିରର ପରିଚାଳନା କରିଥିଲେ। ଶିବିର ଆୟୋଜନରେ ଦେବଗଡ଼ ଜିଲ୍ଲା ହାବିଲଦାର କନଷ୍ଟେବଲ ସଂଘର ସଭାପତି ଯୋଗେନ୍ଦ୍ର ସାହୁ ଓ ସାଧାରଣ ସମ୍ପାଦକ ସଞ୍ଜୀବ ବେହେରାଙ୍କ ସମେତ ବହୁ ସଦସ୍ୟ ଏବଂ କର୍ମକର୍ତ୍ତା ସହଯୋଗ କରିଥିଲେ। ପୁଲିସ ଏବଂ ଜନସାଧାରଣ ମଧ୍ୟରେ ସୁସମ୍ପର୍କ ସ୍ଥାପନ ସହିତ ସମାଜସେବା ପାଇଁ ଉଦାହରଣ ସୃଷ୍ଟି କରିବା ଲକ୍ଷ୍ୟରେ ପୁଲିସ ତରଫରୁ ରକ୍ତଦାନ ଶିବିରର ଆୟୋଜନ କରାଯାଇଥିଲା। ଗ୍ରୀଷ୍ମ ଋତୁରେ ରକ୍ତଭଣ୍ଡାରରେ ରକ୍ତର ଅଭାବକୁ ପୂରଣ କରିବା ଲକ୍ଷ୍ୟରେ ପୁଲିସ ଏଭଳି ପଦକ୍ଷେପ ନେଇଥିବା ଆରକ୍ଷୀ ଅଧୀକ୍ଷକ ପ୍ରକାଶ କରିଥିଲେ। ରକ୍ତଦାନ ଶିବିରରେ ଦେବଗଡ଼ ଜିଲ୍ଲା ପୁଲିସରେ କାର୍ଯ୍ୟରତ ଅଧିକାରୀ, କର୍ମଚାରୀ ଏବଂ ଜନସାଧାରଣ ରକ୍ତଦାନ କରିଥିଲେ। ଏହା ପୂର୍ବରୁ ଅନୁଷ୍ଠିତ ହୋଇଥିବ। ରକ୍ତଦାନ ଶିବିରରେ ରିଆମାଳ ଥାନାରେ ୫୭ ୟୁନିଟ, ବାରକୋଟ ଥାନା ୫୪ ୟୁନିଟ, ଦେବଗଡ଼ ଥାନା ୩୦ ୟୁନିଟ, ଲଇମୁରା ଥାନା ୪୬ ୟୁନିଟ, କୁଣ୍ଢେଇଗୋଳା ଥାନା ୩୩ ୟୁନିଟ, ଖଇରପାଲି ଫାଣ୍ଡି ୨୨ ୟୁନିଟ ଏବଂ ରିଜର୍ଭ ପୁଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ପ୍ରଥମ ରକ୍ତଦାନ ଶିବିରରେ ୫୫ ୟୁନିଟ ରକ୍ତ ସଂଗ୍ରହ କରା ଯାଇଥିଲା।

# ଗାଡ଼ି ଧକ୍କାରେ ବାଛୁରୀ ମୃତ, ୨ ବାଇକ୍ ଆରୋହୀ ଗୁରୁତର

**ଦେବଗଡ଼, ୨୯।୩(ସମିସ):** ଦେବଗଡ଼ ଥାନା ଅଧୀନ କଳାମାଟି ଦୁର୍ଗା ମନ୍ଦିର ନିକଟସ୍ଥ ୪୯ ନମ୍ବର ଜାତୀୟ ରାଜପଥରେ ରବିବାର ବାଇକ ଧକ୍କାରେ ଗୋଟିଏ ବାଛୁରୀର ମୃତ୍ୟୁ ହୋଇଥିବା ବେଳେ ୨ ଜଣ ବାଇକ ଆରୋହୀ ଗୁରୁତର ଆହତ ହୋଇଛନ୍ତି। ଗୁରୁତର ଆହତ ୨ ଯୁବକ ଦେବଗଡ଼ ଥାନା ବଳମ ଅଞ୍ଚଳର ସୁରେନ ସାହୁ (୨୪) ଓ ବିକାଶ ସାହୁ ବୋଲି କୁହାଯାଉଛି। ଯୁବକ ଦ୍ୱୟ ବାଇକରେ ଦ୍ରୁତଗତିରେ ଆସୁଥିବା ବେଳେ ସାମ୍ନାକୁ ହଠାତ ଏକ ବାଛୁରୀ ପଳାଇ ଆସିଥିଲା। ଭାରସାମ୍ୟ ହରାଇ ବାଛୁରୀକୁ ଧକ୍କା ଦେଇଥିଲେ। ଘଟଣାସ୍ଥଳରେ ବାଛୁରୀର ମୃତ୍ୟୁ ଘଟିଥିବା ବେଳେ ବାଇକ ଆରୋହୀ ଦ୍ୱୟ ରାସ୍ତା ଉପରକୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଗୁରୁତର ଅବସ୍ଥାରେ ସେମାନଙ୍କୁ ଉଦ୍ଧାର କରି ଦେବଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ମାତ୍ର ସ୍ୱାସ୍ଥ୍ୟବସ୍ଥା ଗମ୍ଭୀର ଥିବାରୁ ପ୍ରାଥମିକ ଚିକିତ୍ସା ପରେ ଉଭୟଙ୍କୁ ବୁର୍ଲା ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଛି। ଦେବଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ପ୍ରାଥମିକ ତଦନ୍ତ କରିଥିବା ବେଳେ ଦୁର୍ଘଟଣାଗ୍ରସ୍ତ ବାଇକ ଜବତ କରିଥିବା ଜଣାପଡ଼ିଛି। ସ୍ଥାନୀୟ କେତେକ ସ୍ୱେଚ୍ଛାସେବୀ ଦୁର୍ଘଟଣା ସ୍ଥଳ ନିକଟରେ ଏକ ଜେସିବି ଯୋଗେ ଗାତ ଖୋଳି ମୃତ ବାଛୁରୀକୁ ପୋତି ଦେଇଥିବା ଜଣାପଡ଼ିଛି।

# ଜିଲ୍ଲା ଓକିଲ ସଂଘର ନିର୍ବାଚିତ ସଭ୍ୟଙ୍କୁ ସମ୍ବର୍ଦ୍ଧନା



**ଦେବଗଡ଼, ୨୯।୩(ସମିସ):** ସ୍ଥାନୀୟ ରାଧାକୃଷ୍ଣ ମନ୍ଦିର ପରିସରରେ ରବିବାର ସନ୍ଧ୍ୟାରେ ପର୍ଶୁରାମ ବାହିନୀ ପକ୍ଷରୁ ଜିଲ୍ଲା ଓକିଲ ସଙ୍ଘର ନବ ନିର୍ବାଚିତ ସଭାପତି ପ୍ରମଥେଶ ଗୁରୁ ଓ ସମ୍ପାଦକ ସିଦ୍ଧେଶ୍ୱର ଗୁରୁଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ପର୍ଶୁରାମ ବାହିନୀ ସଭାପତି ସତ୍ୟନାରାୟଣ ମିଶ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସମ୍ବର୍ଦ୍ଧନା ଉତ୍ସବରେ ବାମଣ୍ଡା ବ୍ରାହ୍ମଣ ସଭାର ସଭାପତି ଅଶୋକ ମିଶ୍ର ଯୋଗ ଦେଇ ନବ ନିର୍ବାଚିତ ଓକିଲ ସଙ୍ଘର ସଭାପତି ଓ ସମ୍ପାଦକ ଶ୍ରୀ ଗୁରୁଙ୍କୁ ଉପଢୌକନ ପ୍ରଦାନ ପୂର୍ବକ ସମ୍ବର୍ଦ୍ଧନା ଜଣାଇଥିଲେ। ଆୟୋଜକ ଅନୁଷ୍ଠାନ ପକ୍ଷରୁ ଓକିଲ ସଙ୍ଘ ସଭାପତି ଓ ସମ୍ପାଦକ ଶ୍ରୀ ଗୁରୁଙ୍କ ଉତ୍ତରୋତ୍ତର ମଙ୍ଗଳ କାମନା କରାଯିବା ଜିଲ୍ଲାର ପ୍ରଗତିରେ ଓକିଲ ସଂଘର ସକ୍ରିୟ ସହଯୋଗ କାମନା କରିଥିଲେ। ସଭାରେ ଅନ୍ୟ ମାନଙ୍କ ମଧ୍ୟରେ ପର୍ଶୁରାମ ବାହିନୀ ସମ୍ପାଦକ ସୁରଞ୍ଜିତ ମହାପାତ୍ର, ଦେବାଶିଷ କର, ସରୋଜ ପାଢ଼ୀ, ବିରେନ ନାୟକ, ସୁବାଷ ଦାସ, ଆଲୋକ ମିଶ୍ର, ଦୟା ଶଙ୍କର ଦ୍ୱିବେଦୀ, ତୁଷାର କାନ୍ତ ନନ୍ଦ, ପ୍ରଦୀପ ଦାସ ଓ, ପ୍ରତାପ ପଣ୍ଡାଙ୍କ ସମେତ ବହୁ ସଦସ୍ୟ ଉପସ୍ଥିତ ଥିଲେ।

# ମାଁ ଶରଣୀପାଟ ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ



**ଦେବଗଡ଼, ୨୯।୩(ସମିସ):** ରିଆମାଳ ବ୍ଲକ ପାଇକନଗରରେ ମାଁ ଶରଣୀପାଟ ରାଜ୍ୟସ୍ତରୀୟ ରାତ୍ରକାଳୀନ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। କାର୍ଯ୍ୟକ୍ରମ ପ୍ରାରମ୍ଭରେ କ୍ଲବ୍‌ର ସଭାପତି ଦେବାଶିଷ ପ୍ରଧାନ, ସମ୍ପାଦକ ସଞ୍ଜିତ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ତଥା ଜିଲ୍ଲା ବିଜେପି ସଭାପତି ଅରୁଣ କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥି ମାନଙ୍କ ମଧ୍ୟରେ ଯୁବ ନେତା ତଥା ମଳେହିପଡ଼ା ସମିତି ସଭ୍ୟ ମୁନସୁନ ସାହୁ, ଶରତ ଚନ୍ଦ୍ର ଦଳବେହେରା, ଅମୃତ ଗଡ଼ନାୟକ, ହରେନ କୁମାର ବେହେରା, ପଞ୍ଚାନନ ଭୁକ୍ତା, ସନ୍ତୋଷ କୁମାର ଜେନା, ଶିକ୍ଷକ କ୍ଷୀରସିନ୍ଧୁ ବେହେରା, କ୍ରୀଡା ଶିକ୍ଷକ ଭୋଳେଶ୍ୱର ଘଡେଇ, ସୁବ୍ରତ କୁମାର ସାହୁ, ପଦ୍ମନାଭ ଦଳବେହେରା ପ୍ରମୁଖ ଉପସ୍ଥିତ ଥିଲେ। ବରିଷ୍ଠ ସଦସ୍ୟ ପ୍ରାଣବନ୍ଧୁ ଘଡେଇଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଘାଟନୀ କାର୍ଯ୍ୟକ୍ରମରେ ଅତିଥି ଅଧିକାରୀ କ୍ଲବ ଦ୍ୱାରା ଉଦଘାଟନୀ ଖେଳର ଶୁଭାରମ୍ଭ ହୋଇଥିଲା। ପ୍ରକାଶ କୁମାର ମାଝୀ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଉଦଘାଟନୀ ଖେଳ ହରିହରପୁର ଏକାଦଶ ଓ ଟାଇଗର ଏକାଦଶ ଦେବଗଡ଼ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଖେଳକୁ ଚକ୍ରଧର ସାହୁ ଓ ପ୍ରତୀକ କୁମାର ଭୁକ୍ତା ଅମ୍ପାୟାର, ସ୍କୋରର ଜଗବନ୍ଧୁ ଘଡେଇ, ବଳିଆ ଘଡେଇ ଓ ଭାଷ୍ୟକାର ଭାବେ ସାଇପ୍ରସାଦ ଗଡ଼ନାୟକ, ହୃଷିକେଶ ଭୋଇ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ। ଖେଳ ପରିଚାଳନାରେ ନରେଶ ବେହେରା, ଅପେକ୍ଷା ଅମାତ୍ୟ, ରାଜେନ୍ଦ୍ର ମାଝୀ, ରାଜେଶ ବେହେରା, ଆକାଶ ପ୍ରଧାନ, ରାହୁଲ ଦଳବେହେରା, ଅମୁଲ୍ୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ବ୍ରଜରାଜନଗରରେ ହନୁମାନ ମନ୍ଦିର ପ୍ରତିଷ୍ଠା

**ଝାରସୁଗୁଡ଼ା, ୨୯।୩ (ସମିସ):** ବ୍ରଜରାଜନଗର ପୁଲିସ ପ୍ରଶାସନ ପକ୍ଷରୁ ଖଲିଆକାନି ଛକରେ ନବନିର୍ମିତ ହନୁମାନ ମନ୍ଦିରର ପ୍ରତିଷ୍ଠା ଉତ୍ସବ ଧୁମଧାମରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଅଞ୍ଚଳର ଶତାଧିକ ଭକ୍ତ ଓ ସ୍ଥାନୀୟ ଲୋକମାନେ ଯୋଗ ଦେଇଥିଲେ। ମନ୍ଦିର ପ୍ରାଙ୍ଗଣରେ ପୂଜାର୍ଚ୍ଚନା, ଯଜ୍ଞ ଓ ଭଜନ କୀର୍ତ୍ତନର ଆୟୋଜନ କରାଯାଇଥିଲା। ପୁଲିସ ପକ୍ଷରୁ ଏକ ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ଭାବେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରାଯାଇଥିଲା। ଏହାଦ୍ୱାରା ପୁଲିସ ଓ ସାଧାରଣ ଲୋକଙ୍କ ମଧ୍ୟରେ ସହଯୋଗ ଓ ଭରସାର ସମ୍ପର୍କ ଦୃଢ଼ ହୋଇଥିବା ଦେଖିବାକୁ ମିଳିଥିଲା। ଉତ୍ସବରେ ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର, ଏସଡିପିଓ ଚିନ୍ତାମଣି ପ୍ରଧାନ, ବ୍ରଜରାଜନଗର ଥାନା ଅଧିକାରୀ ଧବଳେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ସେମାନେ ନିଜେ ଭକ୍ତମାନଙ୍କୁ ପ୍ରସାଦ ବଣ୍ଟନ କରିଥିଲେ। ସ୍ଥାନୀୟ ଲୋକ ମାନଙ୍କ ପକ୍ଷରୁ ପୁଲିସ ଏଭଳି ପଦକ୍ଷେପକୁ ସ୍ୱାଗତ କରାଯାଇଛି।

# ବିଦ୍ୟାବିକାଶ ଏକାଡେମିର ବାର୍ଷିକ ଉତ୍ସବ

**ଇବଥର୍ମାଲ, ୨୯।୩(ସମିସ):** ଲଖନପୁର ବ୍ଲକ ବନ୍ଧବାହାଲ ଠାରେ ଥିବା ବିଦ୍ୟା ବିକାଶ ଏକାଡେମିର ବାର୍ଷିକ ଉତ୍ସବ ବନ୍ଧବାହାଲ ଧନୁଯାତ୍ରା ପଡ଼ିଆରେ ଅନିଷ୍ଠିତ ହୋଇଯାଇଛି।




ସମ୍ମାନିତ ଅତିଥି ଭାବେ ବରିଷ୍ଠ ସାମ୍ବାଦିକ ଉମାକାନ୍ତ ପଣ୍ଡା, ବନ୍ଧବାହାଲ ସମିତି ସଭ୍ୟା ପଦ୍ମିନୀ ସିଂହ, ବନ୍ଧବାହାଲ କ୍ଲଷ୍ଟର ସିଆରସିସି ତୀର୍ଥବାସି ପ୍ରଧାନ, ଇଞ୍ଜିନିୟର ପ୍ରକାଶ ସାହୁ ପ୍ରମୁଖ ଯୋଗ ଦେଇଥିଲେ। ସ୍କୁଲର ଅଧ୍ୟକ୍ଷା ପ୍ରକାଶିନୀ ପ୍ରଧାନଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମାଁ ସମଲେଶ୍ୱରୀଙ୍କ ସମ୍ମୁଖରେ ଦୀପ ପ୍ରଜ୍ୱଳନ କରି କାର୍ଯ୍ୟକ୍ରମ ଆରମ୍ଭ କରା ଯାଇଥିଲା। ଏହି ଅବସରରେ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ କୃତିତ୍ୱ ଅର୍ଜନ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ଛାତ୍ରଛାତ୍ରୀଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ଶିକ୍ଷୟିତ୍ରୀ ନନ୍ଦିନୀ ସାହୁ ମଞ୍ଚ ସଞ୍ଚାଳନ କରିଥିବା ବେଳେ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ତଥା କର୍ମଚାରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଏଥିରେ ବେଲପାହାଡ (ଗୁମାଡେରା) ବିଦ୍ୟା ବିକାଶ ଏକାଡେମି ବିଦ୍ୟାଳୟର ଶିକ୍ଷକ ଶିକ୍ଷୟିତ୍ରୀ ଛାତ୍ରଛାତ୍ରୀ ମଧ ଯୋଗ ଦେଇଥିଲେ।

# ଭିଏସ୍‌ଏସ୍ ବିମାନ ବନ୍ଦରରେ ପିକ୍‌ଅପ୍ ଲେନ୍ ଓ ମାଗଣା ୱାଇଫାଇ ସେବା ଉନ୍ମୋଚିତ

**ଝାରସୁଗୁଡ଼ା, ୨୯।୩(ସମିସ):** ଝାରସୁଗୁଡ଼ା ସ୍ଥିତ ବୀରସୁରେନ୍ଦ୍ର ସାଏ ବିମାନବନ୍ଦରରେ ଯାତ୍ରୀମାନଙ୍କ ସୁବିଧା ପାଇଁ ଦୁଇଟି ନୂତନ ପ୍ରକଳ୍ପର ଶୁଭାରମ୍ଭ ଶନିବାର କରାଯାଇଛି। କେନ୍ଦ୍ର ବେସାମରିକ ବିମାନ ଚଳାଚଳ ମନ୍ତ୍ରୀ ରାମମୋହନ ନାଇଡୁ ରାଜକୋଟ ବିମାନବନ୍ଦରରୁ ଆଭାସୀ ମାଧ୍ୟମରେ



ଏହି ନୂତନ ପିକ୍‌ଅପ୍ ଆଣ୍ଡ ଡ୍ରପ୍ ଲେନ୍ ଏବଂ ମାଗଣା ୱାଇଫାଇ ସେବାର ଉଦ୍‌ଘାଟନ କରିଛନ୍ତି। ଭିଏସ୍‌ଏସ୍ ବିମାନବନ୍ଦର ସହିତ ଦେଶର ସମୁଦାୟ ୬୫ଟି ବିମାନବନ୍ଦରରେ ସିଧାସଳଖ ଆଭାସୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ନୂତନ ଉନ୍ମୋଚିତ ପିକ୍‌ଅପ୍ ଆଣ୍ଡ ଡ୍ରପ୍ ଲେନ୍ ସୁବିଧା ଦ୍ୱାରା ବିମାନବନ୍ଦର ପରିସରରେ ଗାଡି ଚଳାଚଳ ଶୃଙ୍ଖଳିତ କରିବା ଏବଂ ଯାତ୍ରୀଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ଏହି ସ୍ୱତନ୍ତ୍ର ଲେନ୍ ପ୍ରସ୍ତୁତ କରାଯାଇଛି। ଏହାଦ୍ୱାରା ଯାତ୍ରୀମାନେ ବିନା କୌଣସି ଅସୁବିଧାରେ ବିମାନବନ୍ଦରକୁ ଆସିପାରିବେ ଓ ଯାଇପାରିବେ। ଯାତ୍ରୀମାନଙ୍କୁ ଡିଜିଟାଲ୍ ଦୁନିଆ ସହ ଯୋଡିରଖିବା ପାଇଁ ବିମାନବନ୍ଦରରେ ଏବେ ହାଇସ୍ପିଡ୍ ମାଗଣା ୱାଇଫାଇ ସୁବିଧା ଉପଲବ୍ଧ ହେବ। ଏହି ଅବସରରେ ବିମାନବନ୍ଦର ନିର୍ଦ୍ଦେଶକ ଉପେନ୍ଦ୍ର ନାଥ ଧଉଣ୍ଡିଆ କହିଛନ୍ତି ଯେ, ଝାରସୁଗୁଡ଼ା ବିମାନବନ୍ଦରର ଭିତ୍ତିଭୂମିକୁ ସୁଦୃଢ଼ କରିବା ସହ ଯାତ୍ରୀମାନଙ୍କୁ ଏକ ଆରାମଦାୟକ ଓ ଦକ୍ଷ ଯାତ୍ରା ଅନୁଭୂତି ପ୍ରଦାନ କରିବା ଆମର ମୁଖ୍ୟ ଲକ୍ଷ୍ୟ ଅଟେ। ଏହି ନୂତନ ପଦକ୍ଷେପଗୁଡିକ ବିମାନବନ୍ଦରର ସେବା ମାନକୁ ଆହୁରି ଉନ୍ନତ କରିବ।

# ସାଗରପାଲିରେ ୨୪ ପ୍ରହର ନାମଯଜ୍ଞ



**ଝାରସୁଗୁଡ଼ା, ୨୯।୩(ସମିସ):** ଜିଲ୍ଲା ଲଖନପୁର ବ୍ଲକ ସାଗରପାଲି ଗାଁରେ ୬୮ ତମ ଅଖଣ୍ଡ ୨୪ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଛି। ଶୁକ୍ରବାର କଳସ ଯାତ୍ରା ଏବଂ ଶୁଭ ଅଧିବାସ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶନିବାର ରୀତିନୀତିରେ ନାମ ସଂକୀର୍ତ୍ତନ ଆରମ୍ଭ ହୋଇଛି। ପୂଜା ମଣ୍ଡପରେ ପ୍ରଭୁ ରାମଚନ୍ଦ୍ର, ଭ୍ରାତା ଲକ୍ଷ୍ମଣ ଏବଂ ମାତା ସୀତା ପୂଜା ପାଉଛନ୍ତି। ନାମଯଜ୍ଞରେ ପଣ୍ଡିତ ଶିବ ନାରାୟଣ ନାୟକ ପୂଜାର୍ଚ୍ଚନା କରୁଥିବା ବେଳେ ସପତ୍ନୀକ ସତ୍ୟ ବିକାଶ ପ୍ରଧାନ ଏବଂ ଚୁମକି ପ୍ରଧାନ କର୍ତ୍ତା ଦାୟିତ୍ୱ ତୁଲାଉଛନ୍ତି। ସେହିପରି ଷଡବୈଷ୍ଣବ ଭାବେ ଭବାନୀ ପାତ୍ର, ଜନ୍ମାଜୟ କାଲୋ, ମୂଳଚାନ୍ଦ ସା, ସମାରୁ ମୁଣ୍ଡା, ବୃନ୍ଦାବନ ମେହେର, କୁଳମଣି ଭୋଇ ଦାୟିତ୍ୱ ତୁଲାଉଛନ୍ତି। ନାମଯଜ୍ଞରେ ଗୁଡିପାଲି, କୁମ୍ଭାରବନ୍ଧ, ବେଲପାହାଡ, ବନପାଲି, ସିଂହାରପୁର, ରନପୁର, ଠେବ୍ରା, ଭଅଁରଖୋଲ, ଡୁଡୁଗା, କଦମଡିହି, ପରସିଆଁ, ଝରାପଡ଼ା, କୁଡାବଗା, କୁଟୁରାପାଲି, କେସେରଜିମା, କତରବଗା, କିରିତମାଲ, ପୁଶୋର, ସାହୁପଡ଼ା, ବାନସାଗର, ଭଅଁରାଚକା କୀର୍ତ୍ତନ ମଣ୍ଡଳୀ ଯୋଗଦେଇ ନାମ ସଙ୍କୀର୍ତ୍ତନ କରିବେ। ୩୧ ତାରିଖ ମଙ୍ଗଳବାର ସକାଳେ ନାମ ସମାପନ, ମଧ୍ୟାହ୍ନରେ ନଗରଭ୍ରମଣ, ସନ୍ଧ୍ୟାରେ ଦଧିଭଞ୍ଜନ ସହ ସାମୂହିକ ମହାପ୍ରସାଦ ସେବନ ସହ ନାମଯଜ୍ଞ ସମାପନ ହେବ। ନାମଯଜ୍ଞରେ ସାଗରପାଲି ଗାଁର ସମସ୍ତ ଗ୍ରାମବାସୀ ସହଯୋଗ କରୁଛନ୍ତି।

# ବିଦ୍ୟା ବିକାଶ ସ୍କୁଲ ଆନୁକୂଲ୍ୟରେ ବିଜ୍ଞାନ ମେଳା

**ଦେବଗଡ଼, ୨୯।୩(ସମିସ):** ବିଦ୍ୟା ବିକାଶ ଇଂରାଜୀ ମାଧ୍ୟମିକ ସ୍କୁଲ ଆନୁକୂଲ୍ୟରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଅଡିଟୋରିୟମ ଠାରେ ରବିବାର ବିଜ୍ଞାନ ଓ ପରିବେଶ ମେଳା ଅନୁଷ୍ଠିତ ହୋଇଯାଇଛି। ଏଥିରେ ସ୍କୁଲ ପ୍ରତିଷ୍ଠାତା ତଥା ସଭାପତି ମାନସ କୁମାର ଦେବତା ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ଦେବଗଡ଼ ଜିଲ୍ଲା ଆରକ୍ଷୀ ଅଧିକ୍ଷକ ଅନିଲ କୁମାର ମିଶ୍ର ମେଳାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ଦେବଗଡ଼ ସରକାରୀ ପଲିଟେକ୍‌ନିକ୍‌ର ଅଧକ୍ଷ ବସନ୍ତ କୁମାର ଗନ୍ତାୟତ ଓ ମୁଖ୍ୟବକ୍ତା ଭାବେ ଦେବଗଡ଼ ମହାବିଦ୍ୟାଳୟର ଅଧକ୍ଷ ସୁଦାମ କୁମାର ପରିଡ଼ା ଓ ବିଦ୍ୟା ବିକାଶ ଇଂରାଜୀ ମାଧ୍ୟମିକ ସ୍କୁଲର ଅଧକ୍ଷା ଅର୍ଚ୍ଚନା ବାରିକ ଯୋଗ ଦେଇଥିଲେ। ମେଳାରେ ଜିଲ୍ଲାର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରକଳ୍ପ ପ୍ରଦର୍ଶିତ ହୋଇଥିଲା। ମେଳାରେ ନଟାରୀ ଡ୍ୟାମ ଏକାଡେମୀ ପ୍ରଥମ ସ୍ଥାନ, ଚିନ୍ମୟ ବିଦ୍ୟାଳୟ ଦ୍ୱିତୀୟ ସ୍ଥାନ ଓ ଦେବଗଡ଼ ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରସ୍ତୁତ ପ୍ରକଳ୍ପ ତୃତୀୟ ସ୍ଥାନ ଅଧିକାର କରିଥିଲା। ବିଚାରକ ଭାବେ ଦେବଗଡ଼ ସରକାରୀ ପଲିଟେକ୍‌ନିକ୍ ମାଇନିଂ ବିଭାଗର ବିଭାଗ ମୁଖ୍ୟ ଧୃତି ସୁନ୍ଦର ପ୍ରଧାନ ଓ କଂସର ସରକାରୀ ହାଇସ୍କୁଲର ବିଜ୍ଞାନ ଶିକ୍ଷକ ରୋହିତ କୁମାର ସାହୁ ଯୋଗ ଦେଇଥିଲେ। ଶ୍ରେଷ୍ଠ ୩ ପ୍ରକଳ୍ପକୁ ଅତିଥି ମାନଙ୍କ ଦ୍ୱାରା ଯଥାକ୍ରମେ ଟ୍ରଫି ସହିତ ୫ ହଜାର, ୩ ହଜାର ଓ ୨ ହଜାର ଟଙ୍କା ଲେଖାଏଁ ଅର୍ଥରାଶି ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହିତ ଅଂଶଗ୍ରହଣ



କରିଥିବା ଅନ୍ୟ ୭ଟି ବିଦ୍ୟାଳୟକୁ ଏକ ହଜାର ଟଙ୍କା ଲେଖାଏଁ ସାନ୍ତ୍ୱନାମୂଳକ ପୁରସ୍କାର ପ୍ରଦାନ କରାଯାଇଥିଲା। ମେଳା ଆୟୋଜନରେ ବିଦ୍ୟା ବିକାଶ ସ୍କୁଲର ଶିକ୍ଷୟିତ୍ରୀ ସାଗରିକା ମହାପାତ୍ର, ଡଲୀ ଦେହୁରୀ, ମଧୁସ୍ମିତା ଗଙ୍ଗଦେବ, ସୋନାଲୀ ମିଶ୍ର, ଅଙ୍କିତା ବାରିକ, ନିକିତା କର୍ଣ୍ଣ, ନନ୍ଦିନୀ ଦେହୁରୀ, ଅବିନାଶ ଗଙ୍ଗଦେବ, ଦେବେନ୍ଦ୍ର ସାମଲ ଓ ବିଜୟ ବେହେରା ପ୍ରମୁଖ ସହଯୋଗ କରିଥିଲେ।

# ସୁଗୁଡ଼ା ସେବା ସମବାୟ ସମିତିର ବାର୍ଷିକ ଅଧିବେଶନ, କୋଠା ଉଦ୍‌ଘାଟିତ

**ଦେବଗଡ଼, ୨୯।୩(ସମିସ)**

ତିଲେଇବଣି ବ୍ଲକ ସୁଗୁଡା ସ୍ଥିତ ସୁଗୁଡା ସେବା ସମବାୟ ସମିତି ପ୍ରାଙ୍ଗଣରେ ରବିବାର ସମିତିର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହେବା ସହ ନୂତନ କୋଠା ଓ ଜନସେବା କେନ୍ଦ୍ର କୋଠା ଉଦ୍‌ଘାଟିତ ହୋଇଯାଇଛି। ସମିତିର ଉପଦେଷ୍ଟା ବସନ୍ତ ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ଉଦ୍‌ଘାଟନୀ ସଭାରେ ମୁଖ୍ୟ ଅତିଥି ଭାବେ ସମିତିର ସଭାପତି ସିଦ୍ଧେଶ୍ୱର ଗୁରୁ ଫିତାକାଟି ଉଭୟ କୋଠାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ



ପରିଚାଳନା ସମିତି ସଦସ୍ୟ ଅମରେନ୍ଦ୍ର ଗଙ୍ଗଦେବ, ବିରଞ୍ଚି ନାରାୟଣ ଠାକୁର, ପୂର୍ଣ୍ଣଚନ୍ଦ୍ର ସାହୁ, ଯୁଗଳ କିଶୋର ନାୟକ, ଈଶ୍ୱର ଚନ୍ଦ୍ର ସାହୁ, ଧନୁର୍ଜୟ ପ୍ରଧାନ, ସୁରେଶ ଚନ୍ଦ୍ର ପ୍ରଧାନ, ଦେବାନନ୍ଦ ଗଡ଼େଇ, ଟିକେଶ୍ୱର ସାହୁ ଓ ସୁବ୍ରତ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ସମିତିର ସମ୍ପାଦକ ବିଶିକେଶନ ବେହେରା ଗତ ଆର୍ଥିକ ବର୍ଷର ଆୟ ବ୍ୟୟର ବିବରଣୀ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମ ଆୟୋଜନରେ ଅନ୍ୟ ମାନଙ୍କ ମଧ୍ୟରେ ବିଦ୍ୟାଧର ଗୁରୁ ପ୍ରଶନ୍ନ ସାହୁ, ବାବୁଲାଲ ବେହେରା ଓ ନବୀନ ଚନ୍ଦ୍ର ସାହୁ ସହଯୋଗ କରିଥିଲେ। ସୁଗୁଡା ସେବା ସମବାୟ ସମିତି ଅଧୀନ ବିଭିନ୍ନ ଗାଁରୁ ପ୍ରାୟ ୪୦୦ରୁ ଊର୍ଦ୍ଧ୍ୱ ପଞ୍ଜିକୃତ ସଦସ୍ୟ ଉପସ୍ଥିତ ରହି ସମିତିର ବିଭିନ୍ନ ସମସ୍ୟା ଓ ଏଗୁଡିକର ସମାଧାନ ନେଇ ଆଲୋଚନା କରିଥିଲେ।

